

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୯ ଅଗଷ୍ଟ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 09 AUGUST 2021

Vol.No. 32 ■ No. 204 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

୭ଟି ପଦକ ହାସଲ କରି ୪୮ ନମ୍ବର ସ୍ଥାନରେ ଭାରତ

ନୂଆଦିଲ୍ଲୀ,୦୮/୦୮: ୧୭ ଦିନ ଧରି ଚାଲିଥିବା ଟୋକିଓ ଅଲିମ୍ପିକ୍ସର 'ଖେଳ ମହାକୁମ୍ଭ' ଆଜି ସମାପ୍ତ ହୋଇଛି । ଏହି ଖେଳ ମହାକୁମ୍ଭରେ ଭାରତ ଗୋଟିଏ ସ୍ୱର୍ଣ୍ଣ, ଦୁଇଟି ରୋପ୍ୟ ଓ ୪ ଟି ବ୍ରୋଞ୍ଜ ପଦକ ହାସଲ କରିଛି । ଏହି ୭ ଟି ପଦକ ପାଇଁ ପଦକ ତାଲିକାରେ ୪୮ ନମ୍ବର ସ୍ଥାନରେ ରହିଛି ଭାରତ । ଆଜିର ସମାପନ ସମାରୋହରେ ବ୍ରୋଞ୍ଜ ପଦକ ବିଜେତା ବଜରଙ୍ଗ ପୁନିଆ ଭାରତୀୟ ଖେଳାଳୀଙ୍କ ତରଫରୁ ତ୍ରୀରଙ୍ଗା ଧରିଥିଲେ । ଉଦଘାଟନ ଉତ୍ସବରେ ଖେଳାଳୀମାନେ ଯେଭଳି ପାରମ୍ପାରିକ ପୋଷାକ ପରିଧାନ କରିଥିଲେ ସମାପନ ସମାରୋହରେ ସେହିଭଳି ଟ୍ରାକ ସୁଟ ପିନ୍ଧିଥିବା ଦେଖିବାକୁ ମିଳିଥିଲା । କୋଭିଡ କଟକଣାକୁ ନଜରରେ ରଖି ସମାପନ ସମାରୋହରେ ଅଳ୍ପକିଛି ଖେଳାଳୀଙ୍କୁ ସାମିଲ କରାଯାଇଥିଲା । କହିରଖୁ କି ଉଦଘାଟନୀ ସମାରୋହରେ ଭାରତ ତରଫରୁ ପୁରୁଷ ହକି ଟିମର କ୍ୟାପଟେନ ମନପ୍ରୀତ ସିଂ ଓ ମୁଷ୍ଟିଯୋଦ୍ଧା ମ୍ୟାରିକମ୍ ତ୍ରୀରଙ୍ଗା ଧରିଥିଲେ । କହିରଖୁ କି ଅଲିମ୍ପିକ୍ସ ଖେଳ ସମାରୋହ ଅନ୍ୟ ସବୁ ଖେଳ ସମାରୋହ ଠାରୁ ସମ୍ପୂର୍ଣ୍ଣ ଭିନ୍ନ, ଅନ୍ୟପଟେ କରୋନା ମହାମାରୀ ଭିତରେ ଯେଭଳି ଭାବେ ଟୋକିଓ ଅଲିମ୍ପିକ୍ସର ଆୟୋଜନ ସୂଚାରୁ ରୂପେ ହୋଇପାରିଲା ତାହା ସାରା ବିଶ୍ୱ ପାଇଁ ଏକ ବିଶେଷ ଅନୁଭବ ଦେଇଛି । ଏହି ଖେଳ ମହାକୁମ୍ଭରେ ୨୦୫ ଟି ଦେଶ, ୩୩ ପ୍ରକାର ପ୍ରତିଯୋଗୀତି, ୩୩୩ ଇଭେଣ୍ଟ ଓ ୧୧ ହଜାରରୁ ଅଧିକ ଖେଳାଳୀ ଭାଗ ନେଇଥିଲେ । ଏହାସହ ଟୋକିଓ ଅଲିମ୍ପିକ୍ସରେ ଏଥର ଭାରତ ସବୁଠାରୁ ବଡ ଟିମ (୧୨୮) ପହଂଚିଥିଲା । ସେମାନେ ମୋଟ ୧୮ ପ୍ରକାର କ୍ରିଡାରେ ଭାଗ ନେଇଥିଲେ । ସମସ୍ତ ଖେଳାଳୀ ସେଠାରେ ସେମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିଥିଲେ । କିଛି ଖେଳାଳୀ ପଦକ ହାସଲ କରିଥିଲେ ଓ କିଛି ଖେଳାଳୀ ପଦକରୁ ଅଳ୍ପକେ ବଞ୍ଚିତ ହୋଇଥିଲେ ।

କୋଭିସିଲ୍ଡ ଓ କୋଭାକ୍ସିନର ମିଳିତ ଡୋଜ ଅଧିକ ପ୍ରଭାବଶାଳୀ : ଆଇସିଏମଆରର

ଭୁବନେଶ୍ୱର,୦୮/୦୮(ନି.ପ୍ର): ଦେଶରେ ଦ୍ରୁତଗତିରେ ବୃଦ୍ଧି ପାଉଥିବା କରୋନା ସଂକ୍ରମଣକୁ ରୋକିବାକୁ ଟିକାକରଣ ହିଁ ଏକମାତ୍ର ବିକଳ୍ପ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି । ଏହି କାରଣରୁ କୋଭିଡ-୧୯ ଟିକାକୁ ନେଇ ଏବେ ବି ପରୀକ୍ଷା ଜାରି ରହିଛି । ଏହି କ୍ରମରେ ଅନ୍ୟ ଦେଶ ଭଳି ଭାରତରେ ବି ଟିକାର ମିଶ୍ରିତ ଡୋଜକୁ ନେଇ ପରୀକ୍ଷା ନିରୀକ୍ଷା ଜାରି ରହିଛି । ଏହି ପରୀକ୍ଷାକୁ ନେଇ ଇଣ୍ଡିଆନ କାଉଁସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମଆର) କହିଛି କି କୋଭାକ୍ସିନ ଓ କୋଭିସିଲ୍ଡର ମିଶ୍ରିତ ଖୋରାକ ସର୍ବାଧିକ ପ୍ରଭାବଶାଳୀ । ଆଇସିଏମଆର କହିଛି କି ଏଭଳି ମିଶ୍ରିତ ଡୋଜ ନେଉଥିବା ଲୋକଙ୍କ ଶରୀରରେ କରୋନା ସଂକ୍ରମଣର ସମ୍ଭାବନା କମ ରହୁଥିବା ବେଳେ ଶରୀରରେ ଅଧିକ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି କରିଥାଏ । କହିରଖୁ କି ବିଶେଷଜ୍ଞ କାର୍ଯ୍ୟ ସମିତି (ଏସଇସି) କିଛିଦିନ ପୂର୍ବରୁ କୋଭିସିଲ୍ଡ ଓ କୋଭାକ୍ସିନର ମିଶ୍ରିତ ଡୋଜ ସହ ନାକରେ ପକାଯାଉଥିବା ଭାରତ ବାୟୋଟେକର ଭ୍ୟାକ୍ସିନ ଉପରେ ଅଧ୍ୟୟନ କରିବାକୁ ମଞ୍ଜୁରୀ ପ୍ରଦାନ କରିଥିଲେ । ଏହି ସମୟରେ ଏସଇସି କହିଥିଲେ କି ଅନେକ ଦେଶ ଏବେ ତାର ନାଗରିକ ମାନଙ୍କୁ ମିଶ୍ରିତ କରୋନା ଟିକା ଦେଉଛି ଓ ତାହାର ପରିଣାମ ଭଲ ରହୁଛି । ଅନ୍ୟପଟେ ବିଶେଷଜ୍ଞ କାର୍ଯ୍ୟ ସମିତି କହିଛି କି କୋଭିସିଲ୍ଡ ଓ କୋଭାକ୍ସିନର ମିଶ୍ରିତ ଡୋଜ ଦିଆଯାଇଥିବା ଲୋକଙ୍କ ଠାରେ କୌଣସି ନକରାତ୍ମକ ପ୍ରଭାବ ଦେଖିବାକୁ ମିଳି ନାହିଁ ।

ଦିଲ୍ଲୀ ଏୟାରପୋର୍ଟକୁ ଉଡାଇବାକୁ ଧମକ

ଅଲକାଏଦା ନାଁରେ ଆସିଲା ମେଲ୍, ସୁରକ୍ଷା ବ୍ୟବସ୍ଥା କଡାକଡି

ନୂଆଦିଲ୍ଲୀ,୦୮/୦୮: ମହାରାଷ୍ଟ୍ର ରେଲୱେ ଷ୍ଟେସନ ପରେ ଏବେ ଦିଲ୍ଲୀ ଏୟାରପୋର୍ଟରେ ଆତଙ୍କ । ଦିଲ୍ଲୀ ଇନ୍ଦିରାଗାନ୍ଧୀ ଆନ୍ତର୍ଜାତୀୟ ବିମାନବନ୍ଦରକୁ ବୋମାରେ ଉଡାଇଦେବାକୁ ଇମେଲରେ ଧମକ ମିଳିଛି । ଅଲକାଏଦା ଆତଙ୍କବାଦୀ ସଙ୍ଗଠନ ପକ୍ଷରୁ ଏକ ଦମ୍ପତିଙ୍କ ନାଁରେ ଏହି ମେଲ ଆସିଥିବା ଜଣାପଡିଛି । ଏହାପରେ ସୁରକ୍ଷା ଏଜେନ୍ସି ଗୁଡିକୁ ଆଲର୍ଟ କରାଯାଇଛି । ସୂଚନା ମୁତାବକ, ଶନିବାର ସନ୍ଧ୍ୟା ୫ଟା ୪୫ ମିନିଟରେ ଏୟାରପୋର୍ଟ ମେଲକୁ ଏକ ମେଲ ଆସିଥିଲା ।ଏହି ମେଲ india.212@protonmail.comରୁ ଆସିଥିଲା । ଏହି ମେଲରେ କରନବୀର ସୁରୀ ଓରଫ୍ ମହମ୍ମଦ ଜଲାଲ ଓ ତାଙ୍କ ପତ୍ନୀ ଶୈଲୀ ସାରଦାଙ୍କ ନାଁ ଉଲ୍ଲେଖ ଅଛି । ସେମାନେ ସିଙ୍ଗାପୁରରୁ ଭାରତ ଆସୁଛନ୍ତି । ଏହି ଦୁଇଜଣ ଏୟାରପୋର୍ଟରେ ତିନି ଦିନ ଭିତରେ ବୋମା ରଖିବାର ଷଡଯନ୍ତ୍ର କରିବେ ବୋଲି ଏହି ମେଲରେ ଲେଖା ଅଛି । ଏପରି ଧମକ ଭରା ମେଲ ମିଳିବା ପରେ ସମସ୍ତ ଟର୍ମିନାଲରେ ବ୍ୟବସ୍ଥା କଡାକଡି କରାଯିବା ସହ ସମସ୍ତ ଏଜେନ୍ସି ଗୁଡିକୁ ଆଲର୍ଟ ରଖାଯାଇଛି । ଏଡାସହ ଟର୍ମିନାଲ ମାନ୍‌ଡକରେ ଆଂଟି ସାବୋଟେଜ୍ ଚେକିଙ୍ଗ ବି ଜୋରଦାର ହେଉଛି ।

କରୋନାରେ ଆଉ ୬୯ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୦୮/୦୮ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୬୯ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୬୪୩୫ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୨୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଟକ ଜିଲ୍ଲାରେ ୧୩ ଜଣଙ୍କର ମୃତ୍ୟୁ ଘଟିଛି। ସମ୍ବଲପୁର ଜିଲ୍ଲାରୁ ୮ ଜଣ ସୁନ୍ଦରଗଡ଼ ଓ ବାଲେଶ୍ୱର ଜିଲ୍ଲାରୁ ୬ ଜଣ ଲେଖାଏଁ ମୃତକ ରହିଛନ୍ତି। ଅପରପକ୍ଷରେ ବରଗଡ଼ ଓ କେନ୍ଦୁଝର ଜିଲ୍ଲାରୁ ୫ ଲେଖାଏଁ କରୋନା ସଂକ୍ରମିତଙ୍କ ପ୍ରାଣହାନି ଘଟିଛି।

ଅଗଷ୍ଟ ୧୫ରୁ ଆରମ୍ଭ ହେବ ନୂଆ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ କାର୍ଡ

ଭୁବନେଶ୍ୱର,୦୮/୦୮(ନି.ପ୍ର): ଅଗଷ୍ଟ ୧୫ ତାରିଖରେ ଆରମ୍ଭ ହେବ ନୂଆ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ କାର୍ଡ । ଏଥିରେ ଉପକୃତ ହେବେ ରାଜ୍ୟର ୯୨ ଲକ୍ଷ ୫୦ ହଜାର ପରିବାର । ପୂର୍ବରୁ ୭୧ ଲକ୍ଷ ୬୯ ହଜାର ପରିବାରକୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରାଯାଇଥିଲା । ଏଣିକି ନାସନାଲ ଫୁଡ ସିକ୍ୟୁରିଟି ଆକ୍ଟ ଓ ଷ୍ଟେଟ ଫୁଡ ସିକ୍ୟୁରିଟି ଆକଟ ଅନ୍ତର୍ଗତ ସମସ୍ତ ପରିବାରକୁ ମିଳିବ ମାଗଣା ସ୍ୱାସ୍ଥ୍ୟ ସେବା । ପ୍ରଥମ ପର୍ଯ୍ୟାୟରେ ଅଗଷ୍ଟ ୧୫ ତାରିଖରେ ମାଲକାନଗିରି, ସୁନ୍ଦରଗଡ଼, ଗଜପତି, ବଲାଙ୍ଗୀର ଓ ମୟୂରଭଂଜ ଜିଲ୍ଲା ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ବିତରଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ । ନଭେମ୍ବର ମାସ ସୁଦ୍ଧା ସମସ୍ତ ଜିଲ୍ଲାରେ ଏହା ଲାଗୁ କରାଯିବ । ନୂଆ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ନୂଆ ଗାଇଡଲାଇନ ସେପ୍ଟେମ୍ବର ୧ ତାରିଖରୁ କାର୍ଯ୍ୟକାରୀ କରାଯିବ । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ସଂପ୍ରସାରଣ କରାଯିବା ସହ ଅଧିକ ଘରୋଇ ▶▶ପୃଷ୍ଠା ୭

ସମ୍ବଲପୁରରେ ଠାବ ହେଲା ବଡ଼ ଧରଣର ଜାଲ ନୋଟ କାରବାର

୧୩ ଲକ୍ଷ ୮୫ ହଜାର ଜାଲ ନୋଟ୍ ଜବତ କଲା ସମ୍ବଲପୁର ପୁଲିସ

ସମ୍ବଲପୁର,୦୮/୦୮ (ନି.ପ୍ର): ସମ୍ବଲପୁରରେ ବଡ ଧରଣର ଜାଲ ନୋଟ ଠାବ । ୧୩ ଲକ୍ଷ ୮୫ ହଜାର ଜାଲ ନୋଟ୍ ଜବତ କଲା ସମ୍ବଲପୁର ପୁଲିସ । ଘଟଣାରେ ୬ ଜଣଙ୍କୁ ଗିରଫ କରି ଖୋଳତାଡ କରୁଛ ପୋଲିସ । ସେମାନଙ୍କଠୁ ୬୦୦ଟି ୨ହଜାର ଟଙ୍କିଆ ନୋଟ୍ ସହିତ ୪୪ଟି ୧୦୦ ଟଙ୍କିଆ ନୋଟ୍ ଜବତ କରିଛି ପୋଲିସ । ଅଭିଯୁକ୍ତମାନେ ବିଭିନ୍ନ ଜିଲ୍ଲାରେ ନକଲି ନୋଟ ଦେଇ ଅସଲିରେ ବଦଳାଉଥିଲେ । ଏହି ନକଲି ନୋଟ ରାୟଗଡରୁ ପ୍ରିଣ୍ଟ୍ ହୋଇ ବିଭିନ୍ନ ଜିଲ୍ଲାକୁ ବଂଟାଯାଉଥିଲା । ଓଡିଶାରୁ ଛତିଶଗଡ ଯାଏଁ ଲମ୍ବିଛି ନକଲି ନୋଟ୍ ଲିଙ୍କର ଚେର । ସମ୍ବଲପୁରରୁ ନକଲି ନୋଟ୍ ଜବତ ହେବା ପରେ ସକ୍ରିୟ ହୋଇଉଠିଛି ପୋଲିସ୍ । ନକଲି ନୋଟର ଚେର ଆଉ କେଉଁ କେଉଁ ଆଡେ ବ୍ୟପିଛି, ସେନେଇ ମଧ୍ୟ ଖୋଳତାଡ କରାଯିବ । ଏହା ପଛର ମାଷ୍ଟର ମାଇଣ୍ଡ କିଏ ସେନେଇ ମଧ୍ୟ ତନାଘନା କରୁଛି ପୋଲିସ ।

ଭିଜିଲାନ୍ସ ପଞ୍ଜାରେ ପୁଣି ଜଣେ ଅଧିକାରୀ

ନୂଆପଡ଼ା,୦୮/୦୮(ନି.ପ୍ର): ଭିଜିଲାନ୍ସ ଜାଲରେ ଫସିଛନ୍ତି ନୂଆପଡ଼ା ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାରୀ। ମିଳିଥିବା ସୂଚନା ଅନୁଯାୟୀ, ନୂଆପଡ଼ା ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାରୀ (ସିଡିଭିଓ) ତ୍ରିଲୋଚନ ଧଳଙ୍କ ଘରେ ଆଜି ଚଢ଼ାଉ କରିଛି ଭିଜିଲାନ୍ସ। ଏହା ବ୍ୟତୀତ ତ୍ରିଲୋଚନଙ୍କ କାର୍ଯ୍ୟାଳୟ, ସରକାରୀ ଘର ଓ କଟକର ନରାଜସ୍ଥିତ ପୈତୃକ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଚଢାଉ ଜାରି ରହିଛି। ତେବେ ସିଡିଭିଓ ତ୍ରିଲୋଚନ ଧଳଙ୍କ ଗାଡ଼ିରୁ ୨ ଲକ୍ଷ ୭୭ ହଜାର ଟଙ୍କା ଜବତ ହେବା ପରେ ଏଭଳି ପଦକ୍ଷେପ ନିଆଯାଇଛି। ସରକାରୀ ଗାଡ଼ିରେ ଯାଉଥିବା ବେଳେ ସିଡିଭିଓ ତ୍ରିଲୋଚନ ଧଳଙ୍କଠାରୁ ଏହି ଟଙ୍କା ଜବତ ହୋଇଥିଲା। ସିଡିଭିଓ ଜବତ ହୋଇଥିବା ଟଙ୍କାର ହିସାବ ଦେଇପାରିନଥିବା ଜଣାପଡ଼ିଛି। ଭିଜିଲାନ୍ସ ଚଢଉର ଅଧିକ ତଥ୍ୟ ଖୁବ୍ ଶୀଘ୍ର ମିଳିବ ବୋଲି ଜଣାଯାଇଛି।

କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ସହ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀଙ୍କ ବୈଠକ

ନୂଆଦିଲ୍ଲୀ/ଭୁବନେଶ୍ୱର,୦୮/୦୮(ନି.ପ୍ର): ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ତୈଳ ଏବଂ ଗ୍ୟାସ ପ୍ରକଳ୍ପର ଅଗ୍ରଗତି ଏବଂ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ବିଷୟରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ନୂଆଦିଲ୍ଲୀ ସ୍ଥିତ ନିଜର ବାସଭବନରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି। ଏହି ବୈଠକରେ ରାଜ୍ୟରେ ତୈଳ ଓ ଗ୍ୟାସ ପ୍ରକଳ୍ପର ସଠିକ୍ କ୍ରିୟାନ୍ୱୟନ ବିଶେଷ ଭାବରେ ପେଟ୍ରୋକେମିକାଲ୍ସ, ସିଟି ଗ୍ୟାସ ବିତରଣ(ସିଜିଡି), ଇଥାନଲ, ସିବିଜି, ଏଲପିଜି, ପାଇପଲାଇନ, ଅନ୍ୱେଷଣ ଏବଂ ଉତ୍ପାଦନ(ଇ ଏବଂ ପି) କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ବିକାଶମୂଳକ ପ୍ରକଳ୍ପର ଅଗ୍ରଗତି ନେଇ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ। ବୈଠକ ଫଳପ୍ରଦ ହୋଇଥିବା କେନ୍ଦ୍ରମନ୍ତ୍ରୀ ଟ୍ୱିଟ୍ କରିଛନ୍ତି। ସଠିକ୍ ସମୟରେ ଇନ୍ଧନ କ୍ଷେତ୍ରରେ ପ୍ରକଳ୍ପର କ୍ରିୟାନ୍ୱୟନ କରାଗଲେ ପୂର୍ବ ଭାରତର ଉର୍ଜା ପ୍ରବେଶ ପଥ ଭାବରେ ଓଡ଼ିଶା ପ୍ରତିଷ୍ଠିତ ହେବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ "ପୂର୍ବୋଦୟ" ସ୍ୱପ୍ନକୁ ସାକାର କରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

ସ୍ୱାଧୀନତା ଦିବସ ପୂର୍ବରୁ ବଡ ସଫଳତା ହାସଲ କରିବାକୁ ଯାଉଛି ଭାରତ

ଅନ୍ତରୀକ୍ଷରେ ନିୟୋଜିତ କରିବ 'ନିଗହବାନ' ଉପଗ୍ରହ

ନୂଆଦିଲ୍ଲୀ,୦୮/୦୮: ସ୍ୱାଧୀନତା ଦିବସର ପ୍ରସ୍ତୁତି ମଧ୍ୟରେ ଭାରତ ତା'ର ବହୁ ପ୍ରତିକ୍ଷୀତ ଜିୟୋ ଇମେଜିଙ୍ଗ ଉପଗ୍ରହ (ଜିସେଟ୍) କୁ ଅଗଷ୍ଟ ୧୨ ତାରିଖରେ ଲଂଚ କରିବାକୁ ଯାଉଛି । ଭାରତୀୟ ଅନ୍ତରୀକ୍ଷ ଅନୁସନ୍ଧାନ ସଂଗଠନ (ଇସ୍ରୋ) ର ଶ୍ରୀହରୀକୋଟା ସ୍ଥିତ ସତୀଶ ଧାୱନ ଅନ୍ତରୀକ୍ଷ କେନ୍ଦ୍ରରୁ ଅଗଷ୍ଟ ୧୨ ତାରିଖରେ ଜିଏସଏଲବି-ଏଫ ୧୦ ମାଧ୍ୟମରେ ପୃଥିବୀ ଉପରେ ନଜର ରଖିପାରୁଥିବା ଏହି ଉପଗ୍ରହକୁ ଲଂଚ କରିବ । ଏହି ଉପଗ୍ରହର କୋଡ ନାମ ଇଓଏସ-୦୩ ରଖା ଯାଇଛି । ଇସ୍ରୋର ସୂଚନା ମୁତାବକ ଏହି ଉପଗ୍ରହର ଲଂଚ ଅଗଷ୍ଟ ୧୨ ତାରିଖ ସକାଳ ୫ ଟା ୪୩ ମିନିଟରେ କରାଯିବ । ଅନ୍ୟପଟେ ପାଣିପାଗର ସ୍ଥିତି ଉପରେ ସମୟ ନିର୍ଘଣ୍ଟ ବଦଳିପାରେ ବୋଲି କୁହାଯାଇଛି । ଏହା ଏକ ଅତ୍ୟାଧୁନିକ ଉପଗ୍ରହ ହୋଇଥିବା ବେଳେ, ଏହି ଉପଗ୍ରହକୁ ଜିଏସଏଲବି ଏଫ ୧୦ ମହାକାଶ ଯାନ ଜରିଆରେ ପୃଥିବୀର କକ୍ଷପଥରେ ରଖାଯିବ । ଏହାପୂର୍ବରୁ ଚଳିତ ବର୍ଷ ଫେବୃଆରୀ ୨୮ ତାରିଖରେ ବି ଇସ୍ରୋ ୧୮ ଟି ଛୋଟ ଉପଗ୍ରହ ଲଂଚ କରିଥିଲା । ଏହାମଧ୍ୟରେ ଦେଶୀ ଓ ବିଦେଶୀ ଉପଗ୍ରହ ସାମିଲ ଥିଲା । ଅନ୍ତରୀକ୍ଷ ବିଭାଗର ରାଜ୍ୟମନ୍ତ୍ରୀ ଜିତେନ୍ଦ୍ର ସିଂ ନିକଟରେ ସଂସଦରେ ଦାବି କରିଥିଲେ କି ଇଓଏସ-୩ ଦୈନିକ ୪-୫ ଥର ସମଗ୍ର ଦେଶକୁ ଇମେଜିଂ କରିବାକୁ ସକ୍ଷମ ହେବ ଓ ଜଳ ଉତ୍ସ, ଫସଲ, ଉଦ୍ଭିଦର ଅବସ୍ଥା ସହ ଜଙ୍ଗଲ କ୍ଷେତ୍ର ପରିବର୍ତ୍ତନ ଉପରେ ନଜର ରଖିବା ପାଇଁ ଉପଯୁକ୍ତ । ଏହାସହ ଏହି ଉପଗ୍ରହ ବନ୍ୟା ଓ ଘୂର୍ଣ୍ଣିବଳୟ ବିଷୟରେ ସଠିକ୍ ସୂଚନା ମଧ୍ୟ ପ୍ରଦାନ କରିବ ।

ବନ୍ୟାରେ ବେହାଲ ରାଜସ୍ଥାନ : ୧୩ରୁ ଅଧିକ ଜିଲ୍ଲାରେ ସ୍ଥିତି ଅସମ୍ଭାଳ

ଭୁବନେଶ୍ୱର,୦୮/୦୮(ନି.ପ୍ର): ଲଗାଣ ବର୍ଷା ପରେ ରାଜସ୍ଥାନରେ ଦେଖିବାକୁ ମିଳିଛି ବନ୍ୟା ପ୍ରଳୟ । ହାଡୋତି, ବାରାଂ ଏବଂ କୋଟା ସମେତ ଅନେକ ଜିଲ୍ଲାରେ ବନ୍ୟାର ସ୍ଥିତି ଅସମ୍ଭାଳ ହୋଇ ଯାଇଛି । କୋଟା ସହର ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଥିବା ଦେଖିବାକୁ ମିଳିଛି । ଘର ଦ୍ୱାର, ବଜାର ହାଟ ସବୁଠି ବନ୍ୟା ପାଣି ପଶି ଯାଇଛି । ଏନଡିଆରଏଫ ଟିମ୍ ପହଁଚି ବୋଟ୍ ଜରିଆରେ ଲୋକଙ୍କୁ ସ୍ଥାନାନ୍ତର କରୁଛି । ବନ୍ୟାର ଭୟଙ୍କର ସ୍ଥିତିର ମୁକାବିଲା ପାଇଁ ଗେହଲଟ ସରକାର ସେନାର ସାହାଯ୍ୟ ମାଗିଛନ୍ତି । ସେହିପରି ବାରନରେ ବନ୍ୟା ପାଣି ଗାଁ ଭିତରେ ପସି ଯିବାରୁ ଧନ-ଜୀବନ ପ୍ରଭାବିତ ହୋଇଛି । ପ୍ରଶାସନ ପକ୍ଷରୁ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି । ପାଖାପାଖି ୩୫୦ ଜଣଙ୍କୁ ଉଦ୍ଧାର କରିଛି ଏନଡିଆରଏଫ ଟିମ୍ । ରାଜସ୍ଥାନରେ ଗତ ୭ ଦିନ ଧରି ଲାଗି ରହିଥିବା ଲଗାଣ ବର୍ଷା ପାଇଁ ଅନେକ ନଦୀରେ ବନ୍ୟା ପାଣି ପସିଛି । ଫଳରେ ରାଜ୍ୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । କୋଟାରେ ବନ୍ୟା ସ୍ଥିତି ଦେଖିବା ପାଇଁ କୋଟା ସାଂସଦ ତଥା ଲୋକସଭା ସ୍ପିକର ଓମ୍ ବିର୍ଲା ▶▶ପୃଷ୍ଠା ୭

ସର୍ପ ଦଂଶନରେ ଚାଷୀଙ୍କ ମୃତ୍ୟୁ

କେନ୍ଦ୍ରାପଡ଼ା,୮/୮ (ନି.ପ୍ର): କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଅଁଳାବାଙ୍କ ଗ୍ରାମର ଜଣେ ଚାଷୀ ସାପ କାମୁଡାରେ ମୃତ୍ୟୁବରଣ କରିଥିବା ଜଣାପଡିଛି । ଏହି ଗ୍ରାମର ନରେନ୍ଦ୍ର କୁମାର ଜେନା(୫୩) ସଂନ୍ଧ୍ୟା ସମୟରେ ନିଜ ବାରିରେ ଭେଣ୍ଡି ତୋଳୁଥିବା ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡି ପକାଇଥିଲା । ତୁରନ୍ତ ତାଙ୍କୁ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟକୁ ଆଣିବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ସ୍ୱର୍ଗତଃ ଜେନା ଦୀର୍ଘବର୍ଷ ହେଲା ପନିପରିବା ଓ ଅନ୍ୟାନ୍ୟ ଚାଷକରି ନିଜର ପରିବାର ପୋଷଣ କରୁଥିଲେ । ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଦାବି ହେଉଛି ।

୪ ବାଇକ୍ ଲୁଟେରା ଗିରଫ: ବାଇକ ସହ ମୋବାଇଲ ଜବତ

ଧର୍ମଶାଳା,୮/୮ (ନି.ପ୍ର): ଯାଜପୁର ଜିଲା କୁଆଖିଆ ପୁଲିସକୁ ବଡ ସଫଳତା । ଏକ ବାଇକ୍ ଲୁଟେରା ଗ୍ୟାଙ୍ଗକୁ ଠାବ କଲା ପୁଲିସ । ଏଥିରେ ସମ୍ପୃକ୍ତ ଥିବା ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧୦ଟି ବାଇକ୍, ଗୋଟିଏ ସ୍କୁଟି ଓ ୧୫ଟି ମୋବାଇଲ ଜବତ କରିଛି । ଏହି ବାଇକ ଲୁଟେରା ଗ୍ୟାଙ୍ଗ ବିଶେଷ କରି ଛକ ବଜାରରୁ ସୁଯୋଗ ନେଇ ବାଇକ ଲୁଟ କରିଥାନ୍ତି । ଯାଜପୁର ଜିଲା ସମେତ ବିଭିନ୍ନ ଅଂଚଳରୁ ବାଇକ ଲୁଟ କରିବା ନେଇ ଥାନାରେ ଅଭିଯୋଗ ହୋଇଥାଏ । ଅଭିଯୋଗ ଆଧାରରେ ପୁଲିସ ଏହି ଲୁଟେରା ଗ୍ୟାଙ୍ଗକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଜାଲ ବିଛାଇଥିଲା । ଶେଷରେ ଏହି ଗ୍ୟାଙ୍ଗର ୨ଜଣ ଲୁଟେରା ସମେତ ଏହି ଚୋରା ସାମଗ୍ରୀ କିଣିବା ଅଭିଯୋଗରେ ୨ଜଣଙ୍କୁ ଗିରଫ କରାଯାଇଛି । ଏମାନଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ପୁଲିସ ଜାଣିବାକୁ ପାଇଛି । ଏହି ଘଟଣାରେ ଅଧିକ ଲୁଟେରା ସମ୍ପୃକ୍ତ ଥିବା ସନ୍ଦେହ କରି ଅଭିଯୁକଙ୍କ ନାମ ଗୋପନ ରଖିବା ସହ ଅଧିକ ତଦନ୍ତ ଜାରି ରହିଥିବା ନେଇ ଯାଜପୁର ଏସଡିପିଓ ଚିନ୍ମୟ ନାୟକ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

'ଭାରତ ବଂଚାଅ, ରୋଜଗାର ବଂଚାଅ' ନାରା ଦେଲା ଏଆଇସିସିଟିୟୁ

ଭଦ୍ରକ,୮/୮ (ନି.ପ୍ର): ବୃଦ୍ଧି ପାଉଥିବା ବେରୋଜଗାର ଓ ଶ୍ରମିକଙ୍କ ଛଟେଇ ଉପରେ ରୋକ ଲଗାଇବା, କାମ ଦେବା ପ୍ରତିଶ୍ରୁତି, ରୋଜଗାରର ଅଧିକାର, ମନେଗୋରେର କାମ ସୁନିଶ୍ଚିତ କରିବା ସହ ଏହାକୁ ସହରାଞ୍ଚଳରେ ଲାଗୁ କରିବାକୁ ଦାବି କରିଛି ଏଆଇସିସିଟିୟୁ । ଚଳିତ ମାସ ୧ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ଦଳ ପକ୍ଷରୁ ଦେଶବ୍ୟାପୀ ଅଭିଯାନ 'ଭାରତ ବଞ୍ଚାଅ, ରୋଜଗାର ବଂଚାଅ' ଆରମ୍ଭ ହୋଇଥିବାଳେ, ଦଳ ପକ୍ଷରୁ ଉପରୋକ୍ତ ଦାବି ସହ ସମସ୍ତ ଅସଂଗଠିତ ଶ୍ରମିକଙ୍କୁ ଲକଡାଉନ ସମୟରେ ୧୦ ହଜାର ଟଙ୍କା କରି ୬ମାସର ବେତନ ପ୍ରଦାନ, ମୁକ୍ତ ରାସନ କାର୍ଡ଼ସୁନିଶ୍ଚିତ କରିବା, ଏହି ସମୟରେ ସମସ୍ତ ଶ୍ରମିକଙ୍କୁ ପରିବହନ ଖର୍ଚ୍ଚ ୫ ହଜାର ଟଙ୍କା ପ୍ରଦାନ କରିବାକୁ ଦଳ ପକ୍ଷରୁ ଦାବି ହୋଇଛି । ଏହାବ୍ୟତୀତ ସାମାଜିକ ସୁରକ୍ଷା ପ୍ରଦାନ ସହ ଦରମାର କୌଣସି ପ୍ରକାର କଟାକଟି ବନ୍ଦ କରିବା, ଚାରିଗୋଟି ଶ୍ରମ କୋଡ ଓ ୩ କଳା କୃଷି ଆଇନ ରଦ୍ଦ କରିବା, ସବୁ ଶ୍ରମିକଙ୍କୁ ଟୀକାକରଣ କରିବା, ରାଜଦ୍ରୋହୀ ଆଇନ ୟୁପିପିଏ ସମେତ ସମସ୍ତ ଆଇନକୁ ରଦ୍ଦ କରିବା ଓ ସମସ୍ତ ରାଜନୈତିକ ବନ୍ଦୀଙ୍କୁ ମୁକ୍ତ କରିବାକୁ ମଧ୍ୟ ଦଳ ପକ୍ଷରୁ ଦାବି ହୋଇଛି । କରୋନାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ, ସମ୍ମୁଖ ଯୋଦ୍ଧା ଭାବେ କାର୍ଯ୍ୟରତ କରୋନା ଯୋଦ୍ଧାଙ୍କୁ ବୀମା ସୁବିଧା ସହ ୫୦ ଉକ୍ଷ ଟଙ୍କାର ମୃତ୍ୟୁକାଳୀନ ସହାୟତା ରାଶୀ ପ୍ରଦାନ, ରାଷ୍ଟ୍ରାୟତ ସମ୍ପତ୍ତିକୁ ବିକ୍ରୀ, ଘରୋଇକଣର ବନ୍ଦ କରିବା, ପ୍ରତିରକ୍ଷା ବିଭାଗରେ ଧର୍ମଘଟ ଲାଗି ଅଣାଯାଇଥିବା ଅଧ୍ୟାଦେଶକୁ ପ୍ରତ୍ୟାହାର, ଦରବୃଦ୍ଧି ଉପରେ ରୋକ, ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସ୍ୱଚ୍ଛତା ରକ୍ଷା କରିବାକୁ ଆଜି ଜଗନ୍ନାଥପୁର ଠାରେ ଦଳ ପକ୍ଷରୁ ଆନୁଷ୍ଠିତ ବିକ୍ଷୋଭ ଓ ଶୋଭାଯାତ୍ରାରେ ଦଳୀୟ ନେତୃମଣ୍ଡଳୀ ଦାବି କରିଛନ୍ତି । ଆସନ୍ତା ୯ ତାରିଖ କ୍ରାନ୍ତୀ ଦିବସରେ ଏଆଇସିସିଟିୟୁ ପକ୍ଷରୁ ହେବାକୁ ଥିବା ଆନ୍ଦୋଳନାତ୍ମକ କାର୍ଯ୍ୟରେ ସମସ୍ତ ବର୍ଗର ଲୋକ ସାମିଲ ହେବାକୁ ଦଳ ପକ୍ଷରୁ ନିବେଦନ କରାଯାଇଛି । ଆଜି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଦଳର ଜିଲ୍ଲା ସଭାପତି ସମର ବଳ ଅଭିଯୋଗ କରିଛନ୍ତିଯେ ନରେନ୍ଦ୍ର ମୋଦି ସରକାରଙ୍କ ଦ୍ୱିତୀୟ ପାଳି ଦେଶ ପାଇଁ ଅଭିଶାପ ସଦୃଶ । କୋଭିଡରେ ମୃତ୍ୟୁବରଣ କରିଥିବା ଲୋକଙ୍କ ସଂଖ୍ୟା ୪୦ଲକ୍ଷରୁ ଉର୍ଦ୍ଧ୍ୱ ହୋଇଥିବାବେଳେ, ସରକାର ମୃତ୍ୟୁ ସଂଖ୍ୟା ଲୁଚାଇ ଚାଲିଛନ୍ତି । ଅକ୍ସିଜେନ ପାଇଁ ବହୁ ଲୋକଙ୍କ ଜୀବନ ଯାଇଛି । ଏହା ମାନିବାକୁ ସରକାର ପ୍ରସ୍ତୁତ ନୁହେଁ । କୋଟି କୋଟି ଶ୍ରମିକଙ୍କ ଜୀବନ ଜିବୀକା ବିପନ୍ନ ହୋଇଥିବାବେଳେ, ଅକାକାଶଛୁଆଁ ଦରବୃଦ୍ଧି, ସେମାନଙ୍କ ଜୀବନକୁ ଦୁର୍ବିସହ କରିଛି । ଶ୍ରମିକମାନଙ୍କ ଅଧିକାରକୁ ଛଡ଼ାଇ ନିଆାଇଛି । ୪ଟି ଶ୍ରମ କୋଡ ଶ୍ରମିକଙ୍କୁ ଗୋଲାମୀ ବ୍ୟବସ୍ଥା ମଧ୍ୟକୁ ଠେଲି ଦେଇଛି । କରୋନା ସମୟରେ କେନ୍ଦ୍ର ସରକାର କୃଷି ଆଇନ, ଶିକ୍ଷାନିତୀ, ଖଣି ଆଇନକୁ ନିଜ ସ୍ୱାର୍ଥ ପାଇଁ ସଂଶୋଧନ କରିଛନ୍ତି । ଫଳରେ କରପୋରେଟ ସେକ୍ଟର ବହୁଳ ଭାବରେ ଉପକୃତ ହୋଇଛନ୍ତି । ସଂକ୍ରମଣ ବଢ଼ିବା ଆଶଙ୍କାରେ ଛୋଟ ଛୋଟ ଖୁଚୁରା ବେପାରକୁ ବନ୍ଦ କରି ଆମାଜନ, ଫ୍ଲିପକାର୍ଟ, ରିଲାଏନ୍ସକୁ ଅନଲାଇନ ବେପାରର ସୁବିଧା ଯୋଗୁଁ ୮୨ ପ୍ରତିଶତ ବ୍ୟବସାୟୀ ୬.୨୫ଲକ୍ଷ କୋଟି ଟଙ୍କାର କ୍ଷତି ସହିଛନ୍ତି । ଭାରତ ବର୍ଷର କୋଟି କୋଟି ଶ୍ରମିକ ଯେତେବେଳେ, ଜିବୀକା ହରାଉଛି, ସେତେବେଳେ, ଏହି ସମୟ ମଧ୍ୟରେ କୋଟିପତିଙ୍କ ନିଜସ୍ୱ ସମ୍ପତ୍ତି ବହୁ ଗୁଣିତ ହୋଇଛି । କରୋନା ଲକ୍‌ଡାଉନ ଯୋଗୁଁ, ଆଗାମୀ ଦିନରେ ଅନଲାଇନ ଉଚ୍ଚ ଶିକ୍ଷାର ପ୍ରଚଳନ, କର୍ମଚାରୀଙ୍କୁ ୱାର୍କ ଫ୍ରମ ହୋମ, ଅନଲାଇନ ବେପାର, ଅନଲାଇନ ଆର୍ଥୀକ ନେଣଦେଣ ସାଙ୍ଗକୁ ଅଟୋମେସନ, ରୋବଟର ପ୍ରଚଳନ ସାଜି ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିବା ନିଶ୍ଚିତ । ଫଳରେ କ୍ଷୁଦ୍ର ବ୍ୟବସାୟୀ ଅଧିକ ଅସୁରକ୍ଷିତ ହେବ, କୃଷକ ଜମି ହୀନ ହେବ, ଗରିବ ଗରିବ ହେବ ଓ ଧନୀ ଆହୁରି ଧନୀ ହେବ । ତେଣୁ ଦେଶର ଗଣତନ୍ତ୍ର ଓ ସାନ୍ଧିଧାନିକ ଅଧିକାର ବିରୋଧରେ ମୋଦି ସରକାର ଭୟଙ୍କର ସାବ୍ୟସ୍ତ ହେବାରେ ଲାଗିଛନ୍ତି । ଏହି ଅବସରରେ ଅଖିଳ ଭାରତ ପ୍ରଗତୀଶୀଳ ମହିଳା ସମିତିର ରାଜ୍ୟ ସହ ସଂପାଦିକା ଜୟନ୍ତୀ ବିଶ୍ୱାଳ, ସଂଘର ଜିଲ୍ଲା ସହ ସଂପାଦିକା ଗାୟତ୍ରୀ ବେହେରା, ରୂପା ପାତ୍ର, ଦୁର୍ଗାଚରଣ ରାଉତ୍, ଆରତୀ ଜେନା, କଳ୍ପନା ସ୍ୱାଇଁ, ଜଗନ୍ନାଥ ବେହେରା, ଆନନ୍ଦ ସ୍ୱାଇଁ, କୁନ୍ତଳା ପାତ୍ର, ପୁଷ୍ପାରାଣୀ ପରିଡ଼ା, ସୁଲୋଚନା ବେହେରା, ତପନ ପାତ୍ର, ପ୍ରମିଳା ରାଉତ୍, ପୂର୍ଣ୍ଣିମା ରାଉତ, ପ୍ରିତୀପ୍ରଭା ରାଉତ, ରୀନାରାଣୀ ରାଉତ, କିଶୋର ଜେନା, ପୂର୍ଣ୍ଣଚନ୍ଦ୍ର ଦାସ, ମୀନାରାଣୀ ସ୍ୱାଇଁ, ସୁମିତ୍ରା ପ୍ରଧାନ, ମୀନାରାଣୀ ରାଉତ, ହେମନ୍ତ ସ୍ୱାଇଁ, ସରସ୍ୱତୀ ମଲିକ, ଦଇତାରୀ ମଲିକଙ୍କ ସମେତ ବହୁ କମ୍ରେଡ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ । ଏହି ପରିପ୍ରେକ୍ଷୀରେ ଆସନ୍ତା ୯ ତାରିଖ ଅଗଷ୍ଟ କ୍ରାନ୍ତୀ ଦିବସରେ ମିଳିତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଡାକରାରେ ସମସ୍ତେ ସାମିଲ ହେବାକୁ ନିବେଦନ କରାଯାଇଛି ।

କନ୍ଧମାଳ ଜିଲ୍ଲାରେ ଚାଷୀମାନଙ୍କୁ ଉନ୍ନତ ଯନ୍ତ୍ରପାତି ନିର୍ମାଣ ପାଇଁ ଆର୍ଥିକ ସହାୟତା ପ୍ରଦାନ

କନ୍ଧମାଳ,୮/୮ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ଥିବା ଚାଷୀମାନଙ୍କୁ ସେମାନଙ୍କ ନିଜସ୍ୱ ଉନ୍ନତ ଜ୍ଞାନ କୌଶଳରେ ଉନ୍ନତ ଯନ୍ତ୍ରପାତି ନିର୍ମାଣ କରିବାକୁ ତଥା ଏଥିରେ ଅନ୍ୟ ଚାଷୀମାନଙ୍କୁ ଉତ୍ସାହିତ କରିବାକୁ ଜିଲ୍ଲାର ୪ ଜଣ ଅଗ୍ରଣୀ ଚାଷୀ ମାନଙ୍କୁ କନ୍ଧମାଳ ଜିଲ୍ଲାପାଳ ଡ.ବୃନ୍ଦା ଡି ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଜିଲ୍ଲାର ଟିକାବାଲି ବ୍ଲକ ଅଂଚଳର ସିରିଡିକିଆ ଗ୍ରାମର ସୁଧାକର କହଁର, କୋଟଗଡର ବଶିଷ୍ଠ ପ୍ରଧାନ ଏବଂ ଯୋଗେନ୍ଦ୍ର ମଲ୍ଲିକଙ୍କୁ ୧୫ ହଜାର ଟଙ୍କା ଲେଖାଏଁ ଏବଂ ନିତନ ପରିକଳ୍ପନା ନିମନ୍ତେ ଚାଷୀ ଗଣେଷ ରଣାଙ୍କୁ ୫ ହଜାର ଟଙ୍କାର ଅର୍ଥରାଶୀ ପ୍ରଦାନ କରାଯାଇଥିଲା । ଏହାଦ୍ୱାରା ସେମାନେ ନିଜେ ଚାଷ ପାଇଁ କିଛି ଉନ୍ନତ ନିଜସ୍ୱ ଜ୍ଞାନ କୌଶଳରେ କୃଷି ଯନ୍ତ୍ରପାତିର ନିର୍ମାଣ କରିବା ସହିତ ସେମାନଙ୍କ ଅଂଚଳର ଚାଷୀମାନଙ୍କ ପାଇଁ ଏହି ଦିଗରେ ପ୍ରେରଣା ସ୍ରୋତ ହୋଇପାରିବେ ବୋଲି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା କନ୍ଧମାଳ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଶାନ୍ତ କୁମାର ଶତପଥି କହିଛନ୍ତି । ଏହି ଅବସରରେ ଆମ୍ବାର ଉପପ୍ରକଳ୍ପ ନିର୍ଦ୍ଦେଶକ ଅନିଲ କୁମାର ପ୍ରହରାଜ, ପରିଯୋଜନା ଅଧିକାରୀ ରାମପ୍ରସାଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଗଞ୍ଜାମ ଜିଲ୍ଲାରେ ଦ୍ୱିତୀୟ ଡ଼େଙ୍ଗୁ ପଜିଟିଭ୍ ଚିହ୍ନଟ

ଗଞ୍ଜାମ,୮/୮ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ପୁଣି ଜଣେ ଡ଼େଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏହା ହେଉଛି ଜିଲ୍ଲାର ଚଳିତ ବର୍ଷର ଦ୍ୱିତୀୟ ପଜିଟିଭ୍ ମାମଲା ବୋଲି ଜିଲ୍ଲା ମ୍ୟାଲେରିଆ ଅଧିକାରୀ ଡଃ. ସନ୍ତୋଷ ପାଢ଼ୀ ସୂଚନା ଦେଇଛନ୍ତି । ନୂଆ ଚିହ୍ନଟ ହୋଇଥିବା ରୋଗୀ ଜଣକ ଜଣେ ଯୁବତୀ । ସେ ଗତ କିଛି ଦିନ ତଳେ ଭୁବନେଶ୍ୱରରୁ ଫେରିଥିଲେ । ଗତ ୧ ତାରିଖରେ ତାଙ୍କୁ ଜ୍ୱର ହୋଇଥିଲା । ୩ ତାରିଖରେ ତାଙ୍କୁ ଚିକିତ୍ସା ନିମନ୍ତେ ଏମକେସିଜି ମେଡ଼ିକାଲରେ ଭର୍ତି କରାଯାଇଥିଲା । ଡ଼େଙ୍ଗୁ ପରୀକ୍ଷା ପରେ ତାଙ୍କ ରକ୍ତନମୂନା ଡ଼େଙ୍ଗୁ ପଜିଟିଭ୍ ଆସିଛି । ତାଙ୍କୁ ଏମକେସିଜି ମେଡ଼ିକାଲର ଡ଼େଙ୍ଗୁ ୱାର୍ଡ଼ରେ ଭର୍ତି କରାଯାଇଛି । ଯୁବତୀଙ୍କ ଘର ବ୍ରହ୍ମପୁର ଗୋଲାପଲ୍ଲୀ ସାହି ଅଂଚଳରେ ହୋଇଥିବା ବେଳେ କିଛି ଦିନ ତଳେ ସେ ନର୍ସିଂ ଅଫିସର ଭାବେ ନିଯୁକ୍ତି ପାଇଥିଲେ । ଗଜପତି ଜିଲ୍ଲାରେ ତାଙ୍କର ପୋଷ୍ଟିଂ ହୋଇଥିବା ଜଣାପଡିଛି । ପ୍ରକାଶ ଥାଉକି, ଗତ ମାସ ୨୨ ତାରିଖରେ ଗଞ୍ଜାମ ଜିଲ୍ଲାରେ ପ୍ରଥମ ଡ଼େଙ୍ଗୁ ପଜିଟିଭ୍ ରୋଗୀ ଚିହ୍ନଟ ହୋଇଥିଲେ । ରୋଗୀଙ୍କ ଘର ହିଲ୍ ପାଟଣା ଅଂଚଳରେ ହୋଇଥିବା ବେଳେ ସେ ମଧ୍ୟ ବାହାର ଜିଲ୍ଲାରୁ ଆସିଥିଲେ । ଏଡ଼ିସ୍ ମଶା ଡ଼େଙ୍ଗୁ ରୋଗର କାରଣ ହୋଇଥାଏ । ଏହି ମଶା ସ୍ଥିର ପାଣିରେ ସୃଷ୍ଟି ହୋଇଥାଏ । ଏଣୁ, ଘରର ବିଭିନ୍ନ ସ୍ଥାନରେ ବହୁ ଦିନ ଧରି ପାଣି ଜମା ନରଖିବାକୁ ଜିଲ୍ଲା ମ୍ୟାଲେରିଆ ଅଧିକାରୀ ଡଃ. ପାଢ଼ୀ କହିଛନ୍ତି । ମଶା ନିପାତ ପାଇଁ ଏବେ ବିଭିନ୍ନ ୱାର୍ଡ଼ରେ ମଶାମରା ଧୂଆଁ ସ୍ପ୍ରେ କରାଯିବା ସହିତ ଡ଼େଙ୍ଗୁ ସଚେତନତା ରଥ ମାଧ୍ୟମରେ ପ୍ରଚାର କରାଯାଉଛି ।

ବିନୋଦ ମହାରଣା, ଶ୍ୱେତକେତୁ ମିଶ୍ର ଜିଲ୍ଲା କଂଗ୍ରେସ କମିଟି ସମ୍ପାଦକ ନିଯୁକ୍ତ

ଭୁବନ,୮/୮ (ନି.ପ୍ର): ଭୁବନର ଯୁବ ସମାଜସେବୀ ଭାବେ ପରିଚିତ ବିନୋଦ ମହାରଣାଙ୍କୁ ଢେଙ୍କାନାଳ ଜିଲ୍ଲା କଂଗ୍ରେସ କମିଟିରେ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି । ଶ୍ରୀ ମହାରଣା ଏହା ପୂର୍ବରୁ କାମାକ୍ଷାନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଭାବେ କାର୍ଯ୍ୟ କରୁଥିଲେ । ତାଙ୍କର ଯୋଗ୍ୟତା, ଦକ୍ଷତା ଓ ଅଭିଜ୍ଞତା ସହିତ ଲୋକପ୍ରିୟତା ଆଧାରରେ ତାଙ୍କୁ ଜିଲ୍ଲା କଂଗ୍ରେସ କମିଟି ସମ୍ପାଦକ ପଦବୀରେ ନିଯୁକ୍ତ କରାଯାଇଛି । ଅନୁରୂପ ଭାବେ ଯୁବ ନେତା ଶ୍ୱେତକେତୁ ମିଶ୍ର (ବାବୁ) ମଧ୍ୟ ଜିଲ୍ଲା ସମ୍ପାଦକ ପଦବୀ ଅକ୍ଷୁର୍ଣ୍ଣ ରଖିଛନ୍ତି । ଏକଦା କଂଗ୍ରେସର ଦୁର୍ଗ ଥିବା କାମାକ୍ଷାନଗରରେ ଏହି ଦୁଇ ଜଣ ଯୁବନେତା କାମାକ୍ଷାନଗର ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ସାଂଗଠନିକ ଶକ୍ତି ବୃଦ୍ଧି କରିବାରେ ସହାୟକ ହେବେ ବୋଲି ଆଶା କରାଯାଉଛି ।

କୃଷି ଉଦ୍ୟାନ ବିଭାଗକୁ ୭ କ୍ୱିଂଟାଲ ଜୈବିକ ଖତ ଯୋଗାଇଲା ପୌରସଂସ୍ଥା

କେନ୍ଦ୍ରାପଡ଼ା,୮/୮ (ନି.ପ୍ର): ଓଡିଶାର ସର୍ବ ପୁରାତନ ପୌରସଂସ୍ଥା ଭାବେ ପରିଚିତ କେନ୍ଦ୍ରାପଡା ପୌରସଂସ୍ଥା ଆଉ ଏକ ପାଦ ଆଗେଇଥିବା ଜଣାପଡିଛି । ପୌରାଂଚଳ ଅନ୍ତର୍ଗତ ହଜାରି ବଗିଚାରେ ଥିବା ମାଇକ୍ରୋ କମ୍ପୋଷ୍ଟିଙ୍ଗ ସେଂଟର(ଏମସିସି) ଦ୍ୱାରା ପ୍ରସ୍ତୁତ ହୋଇଥିବା ଖତକୁ ପ୍ରଥମ ଥର ପାଇଁ ରାଜକନିକା ଉଦ୍ୟାନ ବିଭାଗକୁ ଚାଷ କାମରେ ବିନିଯୋଗ କରିବା ପାଇଁ ୭ କ୍ୱିଂଟାଲ ଖତ ଯୋଗାଇ ଦିଆଯାଇଛି । ଖତର କିଲୋ ପ୍ରତି ଦାମ ୨୦ ଟଙ୍କା ରଖା ଯାଇଛି । ଏସ୍‌ଏଚ୍‌ଜି ମହିଳା ସଂଘ ଜୟ ଶ୍ରୀରାମଙ୍କ ମାଧ୍ୟମରେ ପ୍ରତ୍ୟେକ ଦିନ ୧୦ ଜଣ ମହିଳା ଏହି ଅନୁଷ୍ଠାନରେ କାର୍ଯ୍ୟ କରିଥାନ୍ତି । ପୌରସଂସ୍ଥାର ଏହି କମ୍ପୋଷ୍ଟିଙ୍ଗ ସେଂଟରରୁ ପ୍ରସ୍ତୁତ କରା ଯାଉଥିବା ଖତକୁ ଜନ ସାଧାରଣ, ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କୁ ଯୋଗାଇ ଦିଆଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ ସୂଚନା ଦେଇଛନ୍ତି ।

ଥୋରିଆସନ୍ଦା ଗ୍ରାମରୁ ୮ ହଜାର ଲିଟର ଦେଶୀ ମଦ ଓ ପାଉଚ ଜବତ

ଭୁବନ,୮/୮ (ନି.ପ୍ର): ଭୁବନ ବ୍ଲକର ପାହାଡତଳି ଉପାନ୍ତ ଅଂଚଳ ଭାବେ ପରିଚିତ ଥୋରିଆସନ୍ଦା ଗ୍ରାମରେ ସୁରପ୍ରତାପପୁର ଫାଣ୍ଡି ଓ କାମାକ୍ଷାନଗର ଅବକାରୀ ବିଭାଗ ତରଫରୁ ମିଳିତ ଭାବେ ଅତର୍କିତ ଚଢାଉ କରାଯାଇ ୮ ହଜାର ଲିଟର ଦେଶୀ ମଦ ଓ ପାଉଚ ମଦ ଜବତ କରାଯାଇଥିବା ଜଣାପଡିଛି ।

ପୁରୀ ମହାନଗର ଘୋଷଣା ହେବ କେବେ ?

ପୁରୀ,୮/୮ (ନି.ପ୍ର): ଶ୍ରୀକ୍ଷେତ୍ର ହେବ ବଶ୍ୱ ଐତିହ୍ୟ ନଗରୀ । ବିଶ୍ୱର ଧାର୍ମିକ ରାଜଧାନୀ ଶ୍ରୀକ୍ଷେତ୍ରକୁ ପ୍ରତିବର୍ଷ ତିନିକୋଟି ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ଆସିଥାନ୍ତି । ପୁରୀକୁ ବିଶ୍ୱସ୍ତରୀୟ ସହର କରିବା ପାଇଁ ମୁଖ୍ୟମନ୍ତ୍ରୀ ଅନେକ ସ୍ୱପ୍ନ ଦେଖିଛନ୍ତି । ଭାରତର ପ୍ରଥମ ସହର ଭାବେ ୨୪ ଘଂଟିଆ ପାଣି ବିଶୁଦ୍ଧ ମିନେରାଲ ଟ୍ୟାପ ଯୋଗେ ଜନସାଧାରଣଙ୍କୁ ଯୋଗାଇ ଦିଆଯାଉଛି । ବିଶ୍ୱସ୍ତରୀୟ ବ୍ରୁଫ୍ଲାଗ୍ ବିଚ୍ ପୁରୀରେ ନିର୍ମାଣ ହୋଇଛି । ହିନ୍ଦୁ ଧର୍ମର ଭକ୍ତମାନେ ପୁରୀ ରଥଯାତ୍ରାକୁ ଅଧିକ ପସନ୍ଦ କରିଥାନ୍ତି । ବ୍ରିଟିଶ ଅମଳରୁ ପୁରୀ ପୌରପାଳିକା ଆରମ୍ଭ ହୋଇଛି । ୧ ଏପ୍ରିଲ ୧୮୮୧ ମସିହାରେ ବେଙ୍ଗଲ ମୁନ୍ୟିସିପାଲ ଆକ୍ଟ ଅନୁସାରେ କାଲକଟା ଗେଜେଟରେ ପ୍ରକାଶ ପାଇଥିଲା । ଏହାର ପରିଧି ୧୬.୮୪ ସ୍କ୍ୱାୟାର ବର୍ଗ କିଲୋମିଟର ରହିଥିଲା । ବିଶ୍ୱର ତୀର୍ଥଯାତ୍ରୀମାନେ ପୁରୀକୁ ଆସିଥାନ୍ତି । ପୁରୀର ସ୍ୱର୍ଣ୍ଣାମ ବେଳାଭୂମି ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରୁଛି । ବର୍ତମାନ ପୁରୀ ପୌରାଞ୍ଚଳର ଲୋକସଂଖ୍ୟା ପ୍ରାୟ ୩ ଲକ୍ଷ । ମହାନଗର ଗାଇଡ଼ ଲାଇନ ଅନୁସାରେ ୫ଲକ୍ଷ ଜନସଂଖ୍ୟାକୁ ନେଇ ଗଠିତ ହୋଇଥାଏ । ଅନ୍ୟପକ୍ଷରେ ଐତିହ୍ୟ ସମ୍ପର୍ଣ୍ଣ ସାଂସ୍କୃତିକ ଗୁରୁତ୍ୱ ଥିବା ସହର ଶ୍ରୀକ୍ଷେତ୍ର । ଓଡ଼ିଶାର ପୁରାତନ ପୌରପାଳିକା ଭାବେ ଏହାର ସୁନାମ ରହିଛି । ପୁରୀ ପୌରାଞ୍ଚଳରେ ବର୍ତମାନ ୩୨ଟି ୱାର୍ଡ଼ ରହିଛି । ସହରର ତିନି ଦିଗକୁ ଜନବସତି ବଢି ଚାଲିଛି । ସ୍ୱର୍ଗଦ୍ୱାର ଠାରୁ ମଙ୍ଗଳା ମୁହାଣ ପର୍ଯ୍ୟନ୍ତ ଅନେକ ହେଟେଲ , ଲଜିଂ,ହଲିଡ଼େ ହୋମ, ଧର୍ମସ୍ଥଳୀ ଗଢି ଉଠିଥିବା ବେଳେ ପୌରାଞ୍ଚଳର ସୁବିଧା ପାଇ ପାରୁନାହାନ୍ତି । ବଡ଼ ବଡ଼ ହୋଟେଲ ରହିଥିଲେ ମଧ୍ୟ ପୌରାଞ୍ଚଳ ଘୋଷଣା ହୋଇନଥିବାରୁ ସ୍ୱରେଜ ବ୍ୟବସ୍ଥା କରାଯାଇ ପାରୁନାହିଁ । ପୁରୀ-ବ୍ରହ୍ମଗିରି ରାସ୍ତାର ଗୋରୁଆଳ ପର୍ଯ୍ୟନ୍ତ ସହରାଞ୍ଚଳ ପରି ବଡ଼ ବଡ଼ ଫ୍ଲାଟ, ଆପାଟମେଂଟ ଓ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଗଢି ଉଠିଛି । ସମଙ୍ଗ ପଞ୍ଚାୟତ ଓ ଗୋରୁଆଳ ପଞ୍ଚାୟତକୁ ପୁରୀ ପୌରାଞ୍ଚଳରେ ସାମିଲ କରାଗଲେ ଜନସଂଖ୍ୟା ଅଧିକ ହେବା ସହ ମହାନଗର ନିଗମ ଗାଇନ ଲାଇନ ଅନୁପାଳନ ହୋଇପାରିବ । ସେହିପରି ଅଠରନଳା ଠାରୁ ଗୋପୀନାଥପୁର ପଞ୍ଚାୟତ ,ବୀରହରେକୃଷ୍ଣପ

ବ୍ଲୁ ଆଣ୍ଡ୍ ଜନ୍ କ୍ରୋ



ଜାମାଇକା ଅନ୍ତର୍ଗତ ବ୍ଲୁ ଆଣ୍ଡ୍ ଜନ୍ କ୍ରୋ ମାଉଣ୍ଟେନ୍‌କୁ ୨୦୧୫ରେ ବିଶ୍ୱ ଐତିହ୍ୟ ତାଲିକାଭୁକ୍ତ କରାଯାଇଥିଲା । ଜାମାଇକାର ଦକ୍ଷିଣ-ପୂର୍ବାଞ୍ଚଳରେ ଅବସ୍ଥିତ ଏହି ପର୍ବତ ଦ୍ୱୟ ସେଠାକାର ଜାତୀୟ ଉଦ୍ୟାନ । ୨୬,୨୫୨ ହେକ୍‌ଟର୍ ଅଞ୍ଚଳକୁ ପର୍ବତ ଦୁଇଟି ପରିବ୍ୟାପ୍ତ । ସମୁଦ୍ର ପତ୍ତନଠାରୁ ଉଚ୍ଚତା ୮୫୦ ମିଟର୍‌ରୁ ୨୨୫୬ ମିଟ୍‌ର । ଏହି ଅଞ୍ଚଳ ଏକାଧିକ ପ୍ରଜାତିର ବିରଳ ପ୍ରାଣୀ(ଜାମାଇକାନ୍ ବ୍ଲାକ୍ ବାର୍ଡ, ଜାମଇକାନ୍ ବୋଆ, ଜାମାଇକାନ୍ ହୁତିଆ ଓ ଜାଏଣ୍ଟ୍ ସ୍ୱାଲୋଟେଲ୍ ବଟର୍‌ଫ୍ଲାଏ)ଙ୍କ ବାସସ୍ଥାନ । ବର୍ଷସାରା ସବୁଜିମା ଦେଖିବାକୁ ମିଳିଥାଏ । ଏକଦା ଏହା ଥିଲା ତାଇନୋକ୍ ଆଦିମ ଅଧିବାସୀଙ୍କ ନିରାପଦ ଆଶ୍ରୟ ସ୍ଥଳୀ । ସେମାନେ ଜାମାଇକାରେ ଇଉରୋପୀୟ ଉପନିବେଶବାଦକୁ ବିରୋଧ କରିଥିଲେ । ସେମାନଙ୍କୁ ବଳପୂର୍ବକ ଦାସ ବନାଯିବାରୁ, ସେମାନେ ବହୁ ସଂଖ୍ୟାରେ ଏହି ପର୍ବତ-ଶ୍ରେଣୀ ମଧ୍ୟକୁ ପଳାୟନ କରି ସୁରକ୍ଷିତ ହୋଇପାରିଥିଲେ ସେଠାରେ ସେମାନେ ପର୍ଯ୍ୟାପ୍ତ ଖାଦ୍ୟ, ପାନୀୟ ଜଳ ପାଉଥିଲେ । ଔଷଧୀୟ ଗୁଳ୍ମ ଦ୍ୱାରା ନିରୋଗ ରହପାରୁଥିଲେ । ବେଶ୍ କିଛି ବର୍ଷ ଇଉରୋପୀୟ ଉପନିବେଶବାଦୀଙ୍କଠାରୁ ସୁରକ୍ଷିତ ରହିବା ପରେ ସେମାନେ କାଳକ୍ରମେ ମୁଖ୍ୟସ୍ରୋତରେ ସାମିଲ ହୋଇଯାଇଥିଲେ ।

ମାନସିକ ଚାପକୁ କମ୍ କରେ ସକାଳ ଜଳଖିଆ

ସୁନ୍ଦରୀ କନୀନା କପୁର ଖାନ୍‌ଙ୍କ ଖାଦ୍ୟ ବିଶେଷଜ୍ଞ ଭାବେ ରୁଜୁତା ଦିଓ୍ୱେକର୍‌ଙ୍କ ଲେକପ୍ରିୟତା ଏବେ ଶୀର୍ଷରେ ଅଛି । ସୋସିଆଲ ସାଇଟ୍ ଜରିଆରେ ସେ ସମସ୍ତ ବର୍ଗର ଲୋକଙ୍କୁ ବରାବର ପରାମର୍ଶ ଦେଇଥାନ୍ତି । ନିକଟରେ ସେ ସକାଳ ଜଳଖିଆର ଆବଶ୍ୟକତା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଛନ୍ତି ।

♦ ସକାଳବେଳାର ପ୍ରଥମ ଭୋଜନକକୁ ରାଜାଙ୍କ ପରି କରିବା ଉଚିତ । କାରଣ ପୂରାଦିନ ଏହି ଖାଦ୍ୟ ହିଁ ଆମ ଶରୀରକୁ ଶକ୍ତି ଯୋଗାଇଥାଏ । ଭିଟାମିନ୍ସ ଓ ମିନେରାଲ୍ସ ଭରପୂର ଜଳଖିଆ ସମସ୍ତ ବର୍ଗର ଲୋକ କରିବା ଜରୁରୀ ।

♦ ପରଟା, ଉପମା, ଚୁଡା ସତ୍ତୁଳା, ଇଡ୍‌ଲି, ଦୋସା ଇତ୍ୟାଦି ଜଳଖିଆ ଭାବେ ଖାଇପାରିବେ । ଖାଲିପେଟରେ ଚା' ଓ କଫି କିମ୍ବା ଫଳରସ ପିଅନ୍ତୁ ନାହିଁ । ଏହା କାରଣରୁ ଅମ୍ଳ ହେବାର ଭୟ ଥାଏ । ପେଟପୂରା ଜଳଖିଆ ଖାଇବା ପରେ ଆପଣ ଏହି ପାନୀୟ ପିଇପାରିବେ ।

♦ ସକାଳ ଜଳଖିଆ କଲେ ଦିନମାନ ମୁଣ୍ଡବିନ୍ଧା ସମସ୍ୟା ମଧ୍ୟ ହୁଏନାହିଁ । ଯେଉଁଦିନ ଜଳଖିଆରେ ବିଳମ୍ବ କିମ୍ବା କୌଣସି କାରଣରୁ ଆମେ କରିପାରିନଥାଉ, ସେହିଦିନ ହିଁ ବିଭିନ୍ନ ପ୍ରକାର ଶରୀରିକ ଅସୁସ୍ଥତା ଅନୁଭୂତ ହେଉଥିବାର ଅନେକ ସର୍ବେକ୍ଷଣରେ ପ୍ରକାଶ କରିଛନ୍ତି ।

♦ ଜଳଖିଆ ପେଟପୂରା କଲେ ଆମ ସ୍ମୃତିଶକ୍ତି ମଧ୍ୟ ବୃଦ୍ଧି ହୁଏ । ଓଜନକୁ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିଲେ, ଏଇ ଅଭ୍ୟାସ ପାଳନ କରିବା ଉଚିତ ବୋଲି ରୁଜୁତା କହିଛନ୍ତି ।

♦ କାରୀନା ଦୈନିକ ସକାଳ ଜଳଖିଆରେ ଘିଅ ପରଟା ଖାଇଥାନ୍ତି । ଏହା ସତ୍ତ୍ୱେ ସେ ନିଜକୁ ଫିଟ୍ ରଖିଛନ୍ତି । କାରଣ ଯୋଗ, ପ୍ରାଣାୟମର ଅଭ୍ୟାସ ମଧ୍ୟ ସେ ନିୟମିତ କରିବାରେ ଆଦୌ ହେଳା କରନ୍ତି ନାହିଁ ।

ଅଗଷ୍ଟ ୯ କ୍ରାନ୍ତି ଦିବସ

-ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)

୧୯୪୨ ମସିହା ଅଗଷ୍ଟ ୮ ତାରିଖ ରାତିର ବିଳମ୍ବିତ ପ୍ରହରରେ ବମ୍ବେ ଠାରେ କଂଗ୍ରେସ ଅଧିବେଶନରେ ସ୍ପଷ୍ଟ ଓ ଦୃଢ ଭାବରେ ଗାନ୍ଧୀଜୀ ଘୋଷଣା କଲେ "ମୁଁ ସ୍ୱାଧୀନତା ଚାହୁଁଛି"। ଭାରତର ସ୍ୱାଧୀନତା ସଂଗ୍ରାମରେ ଅଗଷ୍ଟ ୮, ୯ ତାରିଖ ୧୯୪୨ ମସିହାର ଅବିସ୍ମରଣୀୟ ଦିବସ ଥିଲା। ଦେଶର ସ୍ୱାଧୀନତା ପାଇଁ ପ୍ରଣିପାତ କରିବାକୁ ଦୃଢ ସଂକଳ୍ପ ଥିଲେ ମହାତ୍ମାଗାନ୍ଧୀ। କବିଙ୍କ ଭାଷାରେ ପ୍ରାଣ ବଳି ଦେବା ପଣ, ମନରେ ମୋ ଜାଗିଛି, ପରଖି ବେଆତତାୟୀ ବାହୁର ମୋ ଶକତି"। ଗାନ୍ଧୀଜୀ ଜୋର ଦେଇ କହିଥିଲେ ଯଦି ସମ୍ଭବପର ସୂର୍ଯ୍ୟୋଦୟ ପୂର୍ବରୁ ଆମକୁ ସ୍ୱାଧୀନତା ମିଳୁ।" ଦେଶବାସୀଙ୍କ କଥା ଛାଡ ସ୍ୱୟଂ ମହାତ୍ମାଗାନ୍ଧୀଙ୍କ ବ୍ୟକ୍ତିଗତ ସ୍ୱାଧୀନତା ବଳି ପଡିଗଲା। ରାତି ପାହିବା ପୂର୍ବରୁ ଅର୍ଥାତ୍ ଅଗଷ୍ଟ ୯ ତାରିଖ ଭୋର୍ ପାଂଚଟା ସମୟରେ ବ୍ରିଟିଶ୍ ସରକାର ଗାନ୍ଧୀଜୀଙ୍କୁ ଗିରଫ କରିନେଲେ। ଭାରତ ଛାଡ ବୋଲି ବ୍ରିଟିଶ ସରକାରଙ୍କୁ ନିର୍ଦ୍ଦେଶ ଦେଲା ବେଳେ ଏହି ମୁକୁଟ ବିହିନ ସମ୍ରାଟ ଏବଂ ଜନଗଣଙ୍କ ମହାତ୍ମା ଦେଶବାସୀଙ୍କ ଡାକ ଦେଇଥିଲେ କର ବା ମର। ଏହି ମନ୍ତ୍ର ପରିପ୍ରେକ୍ଷୀରେ ଆହ୍ୱାନ ଦେଇ ସେ କହିଥିଲେ " ଏଇ ମୁହୂର୍ତ୍ତରେ ତୁମେ ମାନେ ସ୍ୱାଧୀନ ମଣିଷ ପରି ଆମକୁ ଆଚରଣ କର। କା ପୁରୁଷ ଭାବେ ନିଜକୁ ଠକିବାକୁ ମୁଁ କହୁନାହିଁ। ଦାସତ୍ୱକୁ ଅସ୍ୱୀକାର କରିବା ହିଁ ସ୍ୱାଧୀନତା। ଦାସର ଶୃଙ୍ଖଳା ସେହି ମୁହୂର୍ତ୍ତରେ ଛିନ୍ନ ହୁଏ ଯେଉଁ ମୁହୂର୍ତ୍ତରେ ଦାସ ନିଜକୁ ସ୍ୱାଧୀନ ତଥା ମୁକ୍ତ ମଣେ। ହୁଏତ ଏଥି ସକାଶେ ତା'ର ପୂର୍ବ ମାଲିକ ତା'ର ପ୍ରାଣ ନେଇପାରେ କିନ୍ତୁ ତାକୁ ଦାସତ୍ୱର ମାନସିକ ବନ୍ଧନରେ ବାନ୍ଧି ରଖିପାରିବେ ନାହିଁ। ଗିରଫ ହୋଇ ପୋଲିସ ଗାଡିରେ ବସିବା ପୂର୍ବରୁ ବାର୍ତା ଦେଇଗଲେ ଅହିଂସାର ଚରମ ସୀମାକୁ ଯାଅ। ବାସ୍ତବରେ ୧୯୪୨ ମସିହା ଅଗଷ୍ଟ ୯ ତାରିଖ ଦିନ ଗାନ୍ଧୀଜୀଙ୍କ ଗିରଫଦାରୀ ଓ ଅନ୍ୟସମସ୍ତ ତୁଙ୍ଗନେତାଙ୍କ ଗିରଫ ଦାରୀ ଖବର ସତ୍ତ୍ୱେ କର ବା ମର ବାର୍ତା ମାନସିକ ଦୃଷ୍ଟିରୁ ସମଗ୍ର ଦେଶର ଜନଗଣଙ୍କୁ କିଛି ମାତ୍ରାରେ ସ୍ୱାଧୀନ କରିଦେଲା। ଲୋକେ ଥାନା ପୋଡିଲେ ପୋଷ୍ଟ ଅଫିସ୍ ଦଖଲକୁ ଆଣିଲେ। ପୋଲ ଭାଙ୍ଗିଲେ, ରେଳଲାଇନ୍ ଉପାଡିଲେ। ମଣିଷ ନମାରି ଅନ୍ୟ ସବୁ କାଣ୍ଡ ଭିଆଇଲେ। ଜାତୀୟ ପତାକା ଉଡାଇବାକୁ ଯାଇ ହଜାର ହଜାର ଛାତ୍ରଛାତ୍ରୀ ତଥା ଜନସାଧାରଣ ସହୀଦ ହେଲେ। ଜୟ ପ୍ରକାଶ ନାରାୟଣ, ଡଃ ଆସିଫ୍ ଅଲ୍ଲୀ, ସୁଚେତା, କୃପାଲିନ୍, ମାଳତୀ ଦେବୀ, ଅରୁଣାପଟ ବର୍ଦ୍ଧନ, ଲକ୍ଷ୍ମଣ ନାୟକ, ଗୋପବନ୍ଧୁଙ୍କ ଭଳି ଅନେକ ନେତା ଗିରଫଦାରୀକୁ ଏଡାଇ ଆତ୍ମ ଗୋପନ କରି ଆନ୍ଦୋଳନ ତୀବ୍ରତର କରିଥିଲେ। ଦ୍ୱିତୀୟ ଆତ୍ମଗୋପନ କରି ଆନ୍ଦୋଳନ ତୀବ୍ରତର କରିଥିଲେ। ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ଜର୍ମାନ ଓ ଜାପାନ ବିରୋଧରେ ଲଢୁଥିବା ଇଂରେଜ ସେନା ବାହିନୀକୁ ଗାନ୍ଧିଜୀଙ୍କ ବିଦ୍ରୋହ ଅସହ୍ୟବୋଧ ହେଲା। ସମସ୍ତ ଦମନ ତନ୍ତର ପୁରାଦମରେ ଚଳାଇ ଏହି କ୍ରାନ୍ତିକୁ ବନ୍ଦ କରାଇବାରେ ସକ୍ଷମ ହେଲେ ସତ କିନ୍ତୁ ସେହି ୧୯୪୦ ମସିହା ଅଗଷ୍ଟ ୯ ତାରିଖ ଦିନ ହିଁ ଭାରତୀୟଙ୍କ ମନ ସମ୍ପୂର୍ଣ୍ଣ ସ୍ୱାଧୀନ ହୋଇ ସାରିଥିବା କହିଲେ ବି ଅତ୍ୟୁକ୍ତି ହେବ ନାହିଁ। ସ୍ୱାଧୀନତା ଦେଶ ନିର୍ମାଣର ଆଧାର ଶୀଳା ସ୍ଥାପନ କରେ। ଏହା ଉପରେ ଦେଶ ଗଠନର ଖସଡା ଓ କାର୍ଯ୍ୟକ୍ରମ ପ୍ରସ୍ତୁତ ହୁଏ। ରାଷ୍ଟ୍ର ନିର୍ମାଣ ଏକ ନିରବଚ୍ଛିନ୍ନ ପ୍ରକ୍ରିୟା। ସବୁ କ୍ଷେତ୍ରରେ ପାହଚ ପରେ ପାହାଚ ଚଢି ଉପରକୁ ଉଠିବା ହେଉଛି ପ୍ରଗତି। ସେଥିରେ ନିରନ୍ତରତା ଲୋଡା। ୧୯୪୭ର ଭାରତ ଆଉ ୨୦୨୧ର ଇଣ୍ଡିଆ ଭିତରେ ଅନେକ ପରିବର୍ତ୍ତନ ଘଟିଛି। ରାଜନୈତିକ ସ୍ୱାଧୀନତା ପରେ ଅର୍ଥନୈତିକ ସ୍ୱାଧୀନତା ହାସଲରେ ଆମେ କେତେ ସଫଳ ଓ ସ୍ୱାବଲମ୍ବୀ ହୋଇଛି ତାହାର ତୁଳନାତ୍ମକ ବିଚାର କରିବାର ଅବକାଶ ସ୍ୱାଧୀନତା ଦିବସ ଦିଏ। ସମାଲୋଚନା କହିବେ ଆମ ପ୍ରଗତି ଆଖି ଦୃଶିଆ ନୁହେଁ। ନିନ୍ଦୁକଙ୍କ ଦୃଷ୍ଟିରେ ଭାରତ ବିଗିଡି ଯାଇଛି, ଆଉ ଦଳେ ଯୁକ୍ତି କରିବେ ଭାରତର ବିକାଶ ଯାତ୍ରା ତୁଳନାତ୍ମକ ଭାବେ ମନ୍ଦ ନୁହେଁ। ରାଜନୈତିକ ସ୍ୱାଧୀନତା ହାସଲରେ ଆମେ ଭାରତୀୟ କେତେ ସଫଳ ଓ ସ୍ୱାମଲମ୍ବୀ ହୋଇଛୁ ତାହାର ତୁଳନାତ୍ମକ ବିଚାର କରିବାର ବିକାଶ ସ୍ୱାଧୀନତା ଦିଏ। ଏ ସବୁ ଭିତରେ ଆଉ କିଛି ଭାରତର ଆତ୍ମାର ଅସଲ ସ୍ୱରୂପ ଏବଂ ଏହାର କୋମଳ ଶକ୍ତିକୁ ଖୋଜୁଛୁ। ଗୋଟିଏ ଦେଶର ରାଜନୈତିକ ସଂସ୍କୃତି ସାମ୍ବିଧାନିକ ନିଜେ ବିଧି ବ୍ୟବସ୍ଥା ଓ ସଚେତନ ଲୋକ ଶକ୍ତି ସେ ଦେଶର ସବୁଠୁ ମୂଲ୍ୟବାନ ସମ୍ପତି। ତାହାକୁ ଆଧାର କରି ଦେଶ ବଢେ, ପ୍ରଗତି ପଥରେ ଆଗେଇ ଚାଲେ। ସମାଜ ବଦଳେ, ବିଧି ବ୍ୟବସ୍ଥା, ଆଚାର ବ୍ୟବହାର, ନୀତିରିତି, ଶିକ୍ଷା, ସଂସ୍କୃତି, ସ୍ୱାସ୍ଥ୍ୟ, କୃଷି, ବାଣିଜ୍ୟ ଓ ଲୋକନୀତି ଯୁଗ ଉପଯୋଗୀ ହୁଏ। ରାଜନୈତିକ ପ୍ରତିବଦ୍ଧତାର ଅଭାବ ଓ ଦୂର୍ବଳ ପ୍ରଶାସନ ବିଭ୍ରାଟ, ବିଶୃଙ୍ଖଳା ଓ ଭ୍ରଷ୍ଟାଚାର ସୃଷ୍ଟି କରିଥାଏ। ୭୪ ବର୍ଷରୁ ଉର୍ଦ୍ଧ୍ୱ କାଳ ମଧ୍ୟରେ ଆମ ଗଣତନ୍ତ୍ର ପାକଳ ହେବା ପରିବର୍ତ୍ତେ ଏଥିରେ ବିଲକ୍ଷଣ ପ୍ରକାଶ ପାଇବା ଅବଶ୍ୟ ଚିନ୍ତାର ବିଷୟ। ଯାହା ଆମେ ହାସଲ କରିପାରୁନାହିଁ ଯାହା ହୋଇ ବା ହୋଇପାରିନାହିଁ ସେଥିପାଇଁ ଦୋଷ ଲଦିବା ଓ ବାହୁନିବା ଅପେକ୍ଷା ଆଗକୁ କଣ ହୋଇପାରିବ ସେଥିପାଇଁ ଚିନ୍ତା କରି କାମ କରିବା ଅଧିକ ଶ୍ରେୟସ୍କର । ଆମ ଉତାରିଧିକାର ସୂତ୍ରରେ ଅନେକ ସମସ୍ୟା ରହିଛି। ସେଥିରୁ ଆଂଶିକ ସଫଳ ହୋଇପାରିଛି। କ୍ଷୁଧା, ଦାରିଦ୍ର୍ୟ, ବେରୋଜଗାର, ଭ୍ରଷ୍ଟାଚାର, ଅଶିକ୍ଷା, ବ୍ୟାଧି, ଜାତିବାଦ୍, ସଂପ୍ରଦାୟବାଦ, ଅସିଷ୍ଣୁତା, ପଛୁଆପଣ, ପ୍ରାକୃତିକ ବିପର୍ଯ୍ୟୟ ଭଳି ସମସ୍ୟା ସହ ଆତଙ୍କବାଦ, ସାଇବର ଅପରାଧ, ବ୍ୟାଙ୍କ ଠକେଇ ଓ ଜଳ ବାୟୁ ପରିବର୍ତ୍ତନ ଭଳି ନୁଆଁ ସମସ୍ୟା ମାନ ଚିନ୍ତା ବଢାଉଛି। ଏହାର ମିଳିତ ମୁକାବିଲା ସହିତ ନିର୍ଦ୍ଦିଷ୍ଟ କାର୍ଯ୍ୟ ଖସଡାରେ କାମ କରିବାକୁ ପଡିବା ଏବେ ସରକାର ନୁଆଁ ଭାରତ(ନ୍ୟୁ ଇଣ୍ଡିଆ) ନିର୍ମାଣରେ ସଂକଳ୍ପ ନେଇଛନ୍ତି। ବିଶେଷ କରି ଅଗଷ୍ଟ ମାସଟି ଆଧୁନିକ ଭାରତର ଜାତୀୟ ଜୀବନରେ ବିଶେଷ କରି ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ଗରୁତ୍ୱପୂର୍ଣ୍ଣ ମାସ। ୧୯୪୨ ମସିହାର ଅଗଷ୍ଟ ଆଠ, ନଅ ଏବଂ ତା'ର ପାଂଚ ବର୍ଷ ପରେ ୧୯୪୩ ମସିହାର ଅଗଷ୍ଟ ଚଉଦ ଓ ପନ୍ଦର ତାରିଖ ଦେଶର ଶକ୍ତି ଓ ଦୁର୍ବଳତା ପୁଣି ସଫଳତା ଓ ବିଫଳତାକୁ ବେଶ୍ ଉଜାଗର କରିଥାଏ। ଜାତିର ଜନକ ଗାନ୍ଧିଜୀ ସ୍ୱାଧୀନତା ଆନ୍ଦୋଳନର ମହାନାୟକ ଭାବେ ଅଗଷ୍ଟ ମାସର ଏହି ତିଥି ଗୁଡିକର ପ୍ରେରଣା ଓ ପରିଣତି ସହ ଓତପ୍ରୋତ ଭାବେ ଜଡିତ। ଅନ୍ଧଙ୍କର ହାତୀ ଦେଖା ପରି ଆମେ ବାପୁଜୀଙ୍କୁ ଭିନ୍ନ ଭିନ୍ନ ଦୃଷ୍ଟି କୋଣରୁ ଦେଖୁ। କିଏ ତାଙ୍କୁ ନିଶା ନିବାରଣରେ କିଏ ତାଙ୍କୁ ଖଦୀ ଗ୍ରାମୋଦ୍ୟାଗରେ ତ କିଏ ମୂସଲମାନ ପ୍ରେମୀ ଭାବରେ ତ କିଏ ପୁଣି ପୁରୁଣା ପରମ୍ପରା ରକ୍ଷକ ଭାବରେ, କିଏ ନିରାମିଶ ବୈଷ୍ଣବ ଭାବରେ ଦେଖିଥାଏ। କିଏ ପୁଣି ମେସିନ୍ ସଭ୍ୟତାର ବିରୋଧି ଭାବରେ, କିଏ ଅବା ଚାଷୀ ନେତା, କିଏ ଶ୍ରମିକ ନେତା, କିଏ ପୁଣି ଆଇନଷ୍ଟାଇନ୍ ଭଳି ହଜାର ବର୍ଷର ପୃଥିବୀ ବକ୍ଷରେ ଜନ୍ମ ନେଉଥିବା ଅନୁପମ ଦେବଦୂତ ଭାବରେ ଗାନ୍ଧୀଙ୍କୁ ଦେଖନ୍ତି। ୧୯୪୨ ମସିହା ଅଗଷ୍ଟ ୮ ତାରିଖ ଦିନ ରାତ୍ର, ଅଧିବେଶନରେ ଗାନ୍ଧୀଜୀ କଂଗ୍ରେସ ଅଧିବେଶନରେ ସ୍ପଷ୍ଟ ଓ ଦୃଷ୍ଟ କଣ୍ଠରେ ଦାବୀ ସହ ଘୋଷଣା କରିଥିଲେ ଯେ "ମୁଁ ତୁରନ୍ତ ସ୍ୱାଧୀନତା ଚାହେଁ"। ଏଥିରୁ କେହି ମୋତେ ଅଟକାଇ ପାରିବ ନାହିଁ। ଏହି ଦିନ ୯ ତାରିଖ ୧୯୪୨ ହେଲା ସ୍ୱାଧୀନତା ପାଇବାର ମୂଳ ଦୁଆ। "ଜୟ ହିନ୍ଦ"।

ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨ (ମୋ)
୯୪୩୭୯୯୪୩୭୯

ମେକଅପ୍ ଲୁକ୍

ମେକଅପ୍ ପାଇଁ ସବୁଠାରୁ ଜରୁରୀ ସାମଗ୍ରୀ ହେଲା ଫାଉଣ୍ଡେସନ । ଏହାଦ୍ୱାରା ମେକଅପ୍ ଆରମ୍ଭ କରାଯାଏ । ଯଦି ଫାଉଣ୍ଡେସନର ଶେଡ ଭୁଲ ହୋଇଗଲା ତେବେ ପୂରା ମେକଅପ୍ କରିଥିଲେ ମଧ୍ୟ ଚେହେରାରେ ଚମକ ଆସେନାହିଁ । ଯଦି ଆପଣଙ୍କ ଚେହେରାରେ ସ୍କିନର କଂପ୍ଲେକ୍ସନ ଅପେକ୍ଷା ଗାଢ଼ରଙ୍ଗର ଫାଉଣ୍ଡେସନ ଲଗାଇବେ ଚେହେରା ଶ୍ୟାମଳ ରଙ୍ଗ ଦେଖାଯିବ । ଯଦି ହାଲୁକା ଶେଡ ଲଗାଇବେ ତେବେ ମଧ୍ୟ ଭଲ ଦେଖାଯିବ ନାହିଁ । ପରଫେକ୍ଟ ମେକଅପ୍ ପାଇଁ ସଠିକ୍ ଶେଡର ଫାଉଣ୍ଡେସନ୍ କିଣିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ ।

■ ଫାଉଣ୍ଡେସନ କିଣିବା ସମୟରେ ଆପଣଙ୍କ ସ୍କିନ ଟାଇପ୍‌କୁ ଧ୍ୟାନରେ ରଖନ୍ତୁ । ଆଜିକାଲି ସ୍କିନ୍ ଟାଇପ୍ ଶେଡ ପାଇଁ ଅଲଗା ଅଲଗା ଫାଉଣ୍ଡେସନ ମିଳୁଛି । ତୈଳୀୟ ସ୍କିନ୍, ନର୍ମାଲ ବା ଡ୍ରାଏ ସ୍କିନ ପାଇଁ ଅଲଗା ଫାଉଣ୍ଡେସନ ଆସୁଛି । ଏହା ବ୍ୟତୀତ ପେଗୁମେଣ୍ଟେଡ ସ୍କିନ, ଆସମାନ ସ୍କିନ ଓ ଲାଲ ଦାଗ ଥିବା ସ୍କିନ ପାଇଁ ମଧ୍ୟ ଅଲଗା ଫାଉଣ୍ଡେସନ ଆସୁଛି ।

■ ନିଜର ସ୍କିନର ରଙ୍ଗ ଅନୁସାରେ ଫାଉଣ୍ଡେସନ କିଣିବା ଏକ ଚ୍ୟାଲେଞ୍ଜ । ତେଣୁ ଖୋଲାଥିବା ସ୍ଥାନରେ ସ୍କିନ ସହିତ ମ୍ୟାଚ କରି ଫାଉଣ୍ଡେସନ କିଣିବା ଉଚିତ । ଯଦି ସ୍କିନକୁ ନେଇ ନିଶ୍ଚିତ ହୋଇପାରୁ ନାହିଁନ୍ତି ତେବେ ନାଚୁରାଲ ଅଣ୍ଡରଟୋନର ଫାଉଣ୍ଡେସନ କିଣନ୍ତୁ ।

■ ପ୍ରତ୍ୟେକଦିନ ଫାଉଣ୍ଡେସନ ବ୍ୟବହାର କରୁଥିବା ଅଧିକାଂଶ ଲୋକ ହାଲୁକା କଭରେଜ ଚାହାଁନ୍ତି ଓ ଏହା ସ୍କିନ୍‌କୁ ନାଚୁରାଲ ଲୁକ୍ ଦେବ । ନାଇଟ୍ ପାର୍ଟି ପାଇଁ ଫୁଲ କଭରେଜ ଠିକ୍ ରହିବ ଓ ଏହାଦ୍ୱାରା ଅଧିକ ମେକଅପ୍ ଥିବାର ଜଣାପଡିବ । ତେଣୁ ଫାଉଣ୍ଡେସନ ପସନ୍ଦ କରିବା ସମୟରେ କେଉଁ ସମୟରେ ଲଗାଇବେ ତାହା ମଧ୍ୟ ସ୍ଥିର କରି କିଣନ୍ତୁ ।

■ କୌଣସି ନୂଆ ଉତ୍ପାଦକର ବ୍ୟବହାର କରିବା ପୂର୍ବରୁ ଏକ ସାଧାରଣ ଟେଷ୍ଟ କରିନେବା ଉଚିତ । ଆଜିକାଲି ପ୍ରତ୍ୟେକ କମ୍ପାନୀ ପ୍ୟାଚ ଟେଷ୍ଟର ସୁବିଧା ଦେଉଛି । ଏହାଦ୍ୱାରା ଆପଣ ଜାଣିପାରିବେ ଯେଉଁ ପ୍ରଡକ୍ଟ ଆପଣ କିଣୁଛନ୍ତି ତାହା ଆପଣଙ୍କୁ ସୁଟ କରୁଛି କି ନାହିଁ ।



ସ୍ୱାସ୍ଥ୍ୟ ମନ୍ତ୍ର

ଏକାଧିକ ସ୍ୱାସ୍ଥ୍ୟ ଉପକାରୀ ଗୁଣରେ ସୋୟାବିନ୍ ସମୃଦ୍ଧ। ଭିଟାମିନ୍ ସି, କେ, ବି୬, ଲୌହସାର, କାଲସିୟମ୍, ଏଣ୍ଟିଅକ୍ସିଡାଣ୍ଟ୍ ଭଳି ଉପାଦାନ ଏଥିରେ ରହିଛି । ମାଂସ ଓ କ୍ଷୀରଜାତ ସାମଗ୍ରୀର ବିକଳ୍ପ ଭାବେ ସ୍ୱାସ୍ଥ୍ୟ ଗବେଷକମାନେ ଏହାକୁ ଗ୍ରହଣ କରିଛନ୍ତି । ଏହାର କ୍ଷୁଧା ନିବାରଣ ଗୁଣ ଅତ୍ୟଧିକ ଖାଇବା ଲୋଭକୁ କମାଇଦିଏ, ଯାହା ଦ୍ୱାରା ଶରୀରରେ ଚର୍ବି ରଢ଼େ ନାହିଁ ଏବଂ କ୍ଷତିକାରକ କୋଲେଷ୍ଟରଲ୍ ବାହାର କରିଦେବାରେ ସହାୟକ ହୁଏ । ଫଳରେ ମଧୁମେହ, ହୃଦ୍‌ରୋଗ, ଷ୍ଟ୍ରୋକ୍ ସମସ୍ୟା ହୁଏ ନାହିଁ । ନିୟମିତ ସୋୟାବିନ୍ ଖାଇବା ଦ୍ୱାରା ହଜମ ଶକ୍ତି ବଢ଼େ । ଏହା କର୍କଟ ପ୍ରତିରୋଧୀ । ପାକସ୍ଥଳୀ, ଅନ୍ତ୍ର କର୍କଟରୁ ସୋୟାବିନ୍ ସୁରକ୍ଷା ଦିଏ । ଏହା ମାଂସପେଶୀ ଓ ଅସ୍ଥିକ ମଜଭୁତ ରଖେ । ମହିଳାଙ୍କ ପ୍ରଜନନ ସ୍ୱାସ୍ଥ୍ୟକୁ ଠିକ୍ ରଖେ । ଇଷ୍ଟ୍ରୋଜେନ୍ ମାତ୍ରାକୁ ସମତୁଲ ରଖିବାର ଗୁଣ ଏଥିରେ ରହିଛି । ଏଣୁ, ଋତୁବିରତି ପରେ ମହିଳାମାନେ ଏହାକୁ ଖାଇଲେ ଅଧିକ ସୁଫଳ ମିଳେ । ଗର୍ଭସ୍ଥ ସନ୍ତାନର ପୂର୍ଣ୍ଣ ବିକାଶରେ ସୋୟାବିନ୍‌ର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଏଥିରେ ଥିବା ମାଗ୍ନେସିୟମ୍ ନିଦ୍ରାହୀନତାରୁ ରକ୍ଷା କରେ ।

ବ୍ରାହ୍ମୀ ତେଲ

ଆପଣ କଳା ଘନକାୟ କେଶ ଚାହୁଁଛନ୍ତି, ଆଉ ଆପଣ ତାହା ପାଇପାରୁ ନାହାଁନ୍ତି କି ? ତେବେ ଏନେଇ ଆଉ ଚିନ୍ତା କରନ୍ତୁ ନାହିଁ । ଘରୋଇ ଉପଚାର ଦ୍ୱାରା ଆପଣ ପାଇପାରିବେ ଘନ, କଳା ଓ ଲମ୍ବ କେଶ ତେବେ ଆସନ୍ତୁ ଜାଣିବା କଣ କଲେ ଆପଣ ପାଇପାରିବେ ଏଭଳି କେଶ... ବ୍ରାହ୍ମୀପତ୍ରରୁ ରସ ପ୍ରସ୍ତୁତ କରିସେଥିରେ ରସ ପରିମାଣର ଶୁଦ୍ଧ ରାଶି ତେଲ । ମିଶାଇଦେବେ । ମିଶ୍ରଣକୁ ଚୁଲାରେ ଧିମା ଆଞ୍ଚରେ କିଛି ସମୟ ବସାଇ ଦେବେ, କିଛି ସମୟ ପରେ ମିଶ୍ରଣ ଫୁଟିବାକୁ ଲାଗିବ ଓ ଏହାର ପରିମାଣ କମିଯିବ ତା ପରେ ଏହାକୁ ଚୁଲାରୁ କାଢ଼ି ଦେବେ । ଏହି ମିଶ୍ରତ ତେଲ ଥଣ୍ଡା ହୋଇଗଲେ ତାକୁ ଏକ କାଚ ଶିଶିରେ ରଖିବେ । ପ୍ରସ୍ତୁତ ଏହି ତେଲକୁ ପ୍ରତିଦିନ ମୁଣ୍ଡରେ ଲଗାଇବା ଦ୍ୱାରା ଆପଣଙ୍କ କେଶ ଘନ, କଳା, ଲମ୍ବା ହୋଇଯିବା ସହ ଆପଣଙ୍କ ମୁଣ୍ଡର ସୁନ୍ଦରତା ବୃଦ୍ଧି ମଧ୍ୟ ପାଇଥାଏ । ଏହା ଛଡ଼ା ଆପଣଙ୍କ ଜ୍ଞାନାକ୍ତିକୁ ମଧ୍ୟ ପ୍ରଖର କରିଥାଏ ବ୍ରାହ୍ମୀ ତେଲ ।

ମଶା ଉପଦ୍ରବରୁ ରକ୍ଷା ପାଇବାର ଘରୋଇ ଉପଚାର

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୦୯ ଅଗଷ୍ଟ ୨୦୨୧, ସୋମବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ଅଲିମ୍ପିକ୍ସରେ ଉଜ୍ଜ୍ୱଳ ଭବିଷ୍ୟତ...

କରୋନା ସଂକ୍ରମଣର ଭୟ ଭିତରେ ଚାଲିଛି ଟୋକିଓ ଅଲିମ୍ପିକ୍ସ । ଅନେକ ଖେଳାଳି ସଂକ୍ରମିତ ହୋଇ ପ୍ରଦର୍ଶନରୁ ଦୂରେଇ ଯାଇଥିବା ଭିତରେ କେତେକ ଦେଶ ପ୍ରତିନିଧିତ୍ୱ ଆଦୌ ସମ୍ଭବ ହୋଇନାହିଁ । ମାତ୍ର ସଂଖ୍ୟା ଦୃଷ୍ଟିରୁ ଅଧିକ ନଥିଲେ ସୁଦ୍ଧା ଭାରତ ତାହାର ଅଂଶଗ୍ରହଣକୁ ସୀମିତ ରୂପରେ ପ୍ରଭାବୀ କରି ଦେଖାଇଛି । ତାହାର ଜ୍ୱଳନ୍ତ ପ୍ରମାଣ ହେଉଛି ମହିଳା ବ୍ୟାଡମିଣ୍ଟନରେ ପି.ଭି. ସିନ୍ଧୁଙ୍କର କ୍ରମାଗତ ଦୁଇଟି ଅଲିମ୍ପିକ୍ସରେ ପଦକ ଅର୍ଜନ । ବକ୍ସିଂରେ ଲଭ୍‌ଲିନ୍ା ବଡ଼ଗୋହିନ୍‌ଙ୍କ ପଦକ ଲାଭ ଏବଂ ୱେଟ୍ ଲିଫ୍‌ଟିଂରେ ମୀରାବାଇ ଚାନୁଙ୍କ ପଦକ ହାସଲରୁ ନାରୀଶକ୍ତିର ପରାକାଷ୍ଠା ପ୍ରଦର୍ଶିତ ହୋଇଛି । ସବୁଠାରୁ ଅଧିକ ସ୍ମରଣୀୟ ହୋଇଛି ପୁରୁଷ ହକିରେ ଭାରତର ବିଶ୍ୱବିଜୟ । ଦୀର୍ଘ ଚାରିଦଶକ ବ୍ୟବଧାନରେ ଭାରତ ପ୍ରତିପକ୍ଷ ଜର୍ମାନୀକୁ ହରାଇ ଚାମ୍ପିଅନ୍ ହେବା ସମସ୍ତଙ୍କୁ ଚମତ୍କୃତ କରିଛି । ଭାରତୀୟ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସମସ୍ତ ଦେଶବାସୀ ଉଲ୍ଲସିତ ହୋଇ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟାଇଛନ୍ତି । କେବଳ ଆମ ଦେଶରେ ନୁହେଁ, ପ୍ରବାସରେ ଥିବା ଭାରତୀୟମାନେ ହକି ଦଳର ବିଜୟରେ ବିଭୋର ହୋଇଛନ୍ତି । ହକି କ୍ରୀଡ଼ାକୁ ଅଧିକ ଲୋକପ୍ରିୟ କରିବା ଦିଗରେ ଓଡ଼ିଶାର ଅବଦାନ ନେଇ ସମସ୍ତେ ପ୍ରଶଂସାରେ ଶତମୁଖ । ଭୁବନେଶ୍ୱରରେ ବିଶ୍ୱକପ୍ ପ୍ରତିଯୋଗିତାର ସଫଳ ଆୟୋଜନଠାରୁ ଆରମ୍ଭ କରି ବିଭିନ୍ନ ଭାବରେ ପ୍ରତିଯୋଗୀଙ୍କୁ ଉତ୍ସାହିତ କରାଯିବା ପଛରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରେରଣାର ଯାଦୁକରୀ ପ୍ରଭାବ ସମସ୍ତଙ୍କୁ ପ୍ରେରିତ କରିଛି । ହକି ଦଳର ଅଧିନାୟକଙ୍କଠାରୁ ଆରମ୍ଭ କରି କୋଚ୍ ଏବଂ ସମସ୍ତ ଖେଳାଳି ନବୀନ ବାବୁଙ୍କ ଆଗ୍ରହପୂର୍ଣ୍ଣ ଯୋଗଦାନର ଉଚ୍ଚ ପ୍ରଶଂସା କରିଛନ୍ତି । ଭାରତୀୟ ଟିମ୍‌ରେ ଦୁଇଜଣ ଓଡ଼ିଆ ଖେଳାଳି ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସଙ୍କ ଅଂଶଗ୍ରହଣ ରାଜ୍ୟର ହକିପ୍ରେମୀଙ୍କୁ ଉତ୍ସାହିତ କରିଛି । ରାଜ୍ୟ ସରକାର ହକି ଦଳର ସଫଳତାର ସ୍ୱୀକୃତ ସ୍ୱରୂପ ଉଭୟଙ୍କୁ ଅଢ଼େଇ କୋଟି ଲେଖାଏଁ ପୁରସ୍କାର ଦେବାକୁ ଘୋଷଣା କରିବା କ୍ରୀଡ଼ାର ପ୍ରସାର ପ୍ରତି ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାର ପ୍ରମାଣ ଦିଏ । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିଅମରେ ବିଶ୍ୱକପ୍ ହକିର ସଫଳ ଆୟୋଜନ ସୂଚିତ କରିଦେଲା ଯେ, ରାଜ୍ୟରେ ବାଧକ ଓ ପ୍ରତିବନ୍ଧକ ମଧ୍ୟରେ କ୍ରୀଡ଼ା ଆୟୋଜନ ସମ୍ଭବ । ରାଉରକେଲାରେ ପରବର୍ତ୍ତୀ କ୍ରୀଡ଼ା ପାଇଁ କରାଯାଇଥିବା ଘୋଷଣା ଓଡ଼ିଶା ହକିର ଏନ୍ତୁଡ଼ିଶାଳ କୁହାଯାଉଥିବା ସୁନ୍ଦରଗଡ଼ ପାଇଁ ଅମୂଲ୍ୟ ବରଦାନ । ପାନପୋଷ ଏବଂ ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଇଲାକାର ତରୁଣ ଓ ଉଦୀୟମାନ ହକି ଖେଳାଳିମାନଙ୍କୁ ଉତ୍ସାହିତ କରାଯିବାର ଏହାଠାରୁ ଅଧିକ ସୁଖଦ ସମ୍ଭାବନା କ'ଣ ଥାଇପାରେ ! କେବଳ ହକି ନୁହେଁ, ଦୌଡ଼ ପ୍ରତିଯୋଗିତା, କବାଡ଼ି ଓ ବିଭିନ୍ନ ପ୍ରତିଯୋଗିତାକୁ ଉତ୍ସାହିତ କରାଯିବା ସକାଶେ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି । ଷ୍ଟାଡିୟମ ନିର୍ମାଣକୁ ଉତ୍ସାହିତ କରାଯାଉଛି । କ୍ରୀଡ଼ା ମନ୍ତ୍ରଣାଳୟକୁ ସଶକ୍ତ କରିବା ସକାଶେ ଅଧିକ ଅର୍ଥ ବରାଦ କରାଯାଉଛି । ମାତ୍ର ସେଗୁଡ଼ିକର କାର୍ଯ୍ୟକାରିତା ପାଇଁ ପ୍ରଶାସନକୁ ଯେତିକି ପରିମାଣରେ ପ୍ରଭାବିତ କରାଯିବା କଥା, ତାହା ସମ୍ଭବ ହୋଇପାରୁନାହିଁ । ଏହାର ରହିଛି ଏକାଧିକ କାରଣ । ସରକାର ଯେଉଁ ଆକାରରେ କ୍ରୀଡ଼ାର ଲୋକପ୍ରିୟ ପ୍ରସାର ପାଇଁ ପ୍ରସ୍ତୁତ ହେଉଛନ୍ତି, ଶାସନକଳକୁ ସେଥିପାଇଁ ପ୍ରସ୍ତୁତ ରଖିବା ଗୁରୁଦାୟିତ୍ୱ ରହିଛି । ସେ ବାବଦରେ ଥିବା ତ୍ରୁଟି ଓ ଦୁର୍ବଳତାର ନିରାକରଣ ପାଇଁ ବସ୍ତୁନିଷ୍ଠ ପ୍ରୟାସ ଆବଶ୍ୟକ । ଆଶା-ଆଶଙ୍କା ଭିତର ଦେଇ ପଦକ ଅର୍ଜନ ନେଇ ଭାରତର ପ୍ରଦର୍ଶନକୁ ସକାରାତ୍ମକ ବିଚାରରେ ଗ୍ରହଣ କରିବାକୁ ହେବ । ପଦକ ତାଲିକାରେ କିଏ କେଉଁ ସ୍ଥାନରେ ରହିଲେ, ତାହା ଯେତିକି ଗୁରୁତ୍ୱପୂର୍ଣ୍ଣ, ତାହାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ପ୍ରତିକୂଳ ପରିସ୍ଥିତିରେ ଉଦ୍ୟମ ଓ ପ୍ରଦର୍ଶନ । ଜାପାନର ଅନିଚ୍ଛାକୁ ପ୍ରତିହତ କରି ଅଲିମ୍ପିକ୍ସ ଭଳି ମହାକୁମ୍ଭର ଆୟୋଜନ ବିଶ୍ୱବାସୀଙ୍କ ସଦିଚ୍ଛାର ଏକ ଝଲକ ଭାବେ ଗ୍ରହଣ କରାଯାଇପାରେ । ସୁତରାଂ, ସୁରୁଖୁରୁରେ କ୍ରୀଡ଼ା ମହାକୁମ୍ଭର ସମାପନ ସାରା ବିଶ୍ୱବାସୀଙ୍କ ସ୍ୱାର୍ଥରେ ମହତ୍ତ୍ୱ ରଖୁଛି ବୋଲି କୁହାଯାଇପାରିବ ।

ସ୍ୱଭାବ କବି ଗଙ୍ଗାଧର ମେହେର

ଅକ୍ଷୟ କୁମାର ରାଉତ

ପାରାଦ୍ୱୀପ ଗଡ, କୁଜଙ୍ଗ, ଜଗତ୍‌ସିଂହପୁର

ମୋ-୯୯୩୭୬୯୧୪୭୫

ସ୍ୱଭାବକବି ଗଙ୍ଗାଧରଙ୍କର ପ୍ରତି କାବ୍ୟରେ ବାରି ହୋଇପଡେ ପ୍ରକୃତି ଜଗତର ଅନିନ୍ଦ୍ୟ ଶୋଭାର ରୂପାୟନ । କେଉଁଠି ଦେଖିବାକୁ ମିଳେ ପ୍ରକୃତି ବିଭବର ଜୀବନ୍ତ ପରିକଳ୍ପନା, ନୈସର୍ଗିକ ଶୋଭାର ମନୋହାର ଆଲେଖ୍ୟ ଓ ଚରିତ୍ରର ପରିସ୍ଫୁଟନ ପାଇଁ ପ୍ରକୃତି ଜଗତରୁ ସାମ୍ୟମୂଳକ ବା ପାର୍ଥକ୍ୟମୂଳକ ଦୃଷ୍ଟାନ୍ତ । କବି ଯେଉଁଠି ପ୍ରକୃତି ବିଭବର ଜୀବନ ରୂପାୟନ କରିଛନ୍ତି, ସେଠାରେ ଦେଖିବାକୁ ମିଳେ ପ୍ରକୃତି ବିଭାବରେ ବ୍ୟକ୍ତିତ୍ୱର ଆରୋପ । କେଉଁଠି ତାକୁ ହସାଇଛନ୍ତି, କନ୍ଦାଇଛନ୍ତି, ରଗାଇଛନ୍ତି ଓ କଥା କୁହାଇ ଗତିଶୀଳ କରାଇଛନ୍ତି । ଏହି ମହାନ କବି ସମ୍ବଲପୁର ଜିଲ୍ଲାର ବରପାଲୀ ଗ୍ରାମର ଗୋଟିଏ ଗରିବ ତନ୍ତୁବାୟ ପରିବାରରେ ୧୮୬୨ ମସିହା ଅଗଷ୍ଟ ୯ ତାରିଖ ଶ୍ରାବଣ ପୂର୍ଣ୍ଣିମା ଓ କର୍କଟ ୨୬ ଦିନ ଶନିବାର ରାତି ୧୧.୩୦ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଚୈତନ୍ୟ ମେହେର ଓ ମାତାଙ୍କ ନାମ ସେବତୀ, ତାଙ୍କର ପିତାମହ ସଦାଶିବ ସମ୍ବଲପୁର ସହରରେ ବସବାସ କରୁଥିଲେ । କିନ୍ତୁ ପ୍ରପିତାମହ କେଶବ ମେହେର ବରପାଲିରେ ବାସ କରୁଥିଲେ । ଗଙ୍ଗାଧରଙ୍କ ଉପରେ ବିଜୁଳି ଓ ତଳେ ଡାଲିମ୍ବ ନାମରେ ଦୁଇଭଉଣୀ ଥିଲେ । ଗଙ୍ଗାଧରଙ୍କ ବାଲ୍ୟକାଳ ଏକ ଆଧ୍ୟାତ୍ମିକ ଗାଉଁଲି ପରିବେଶ ମଧ୍ୟରେ କଟିଥିଲା । ପ୍ରତିଦିନ ସେ ପିତାମହ ସଦାଶିବଙ୍କ ସାଙ୍ଗରେ ଜଗନ୍ନାଥ ମନ୍ଦିରକୁ ଯାଉଥିଲେ ଓ ସଂକୀର୍ତ୍ତନରେ ଭାଗ ନେଉଥିଲେ । ସେ ପିଲାଟି ବେଳରୁ ନମ୍ର, ଶାନ୍ତ ଓ ସରଳ ସ୍ୱଭାବର ଥିଲେ ।

ଗଙ୍ଗାଧରଙ୍କ ପିତା ଚୈତନ୍ୟଙ୍କୁ ପିତାମହ ସଦାଶିବ ଭିନ୍ନେ କରିଦେବାରୁ, ଗଙ୍ଗାଧରଙ୍କ ପାଠପଢା ବିଳମ୍ବ ଘଟିଥିଲା । ସେ ସାତବର୍ଷ ବୟସରେ ଗ୍ରାମ ଚାଟଶାଳୀରେ ଅଧ୍ୟୟନ ଆରମ୍ଭ କଲେ । କିନ୍ତୁ ଚାଟଶାଳୀଟି ଭାଙ୍ଗିଯିବାରୁ ତାଙ୍କ ପିତା ବରପାଲୀସ୍ଥ ବ୍ରାଂଚସ୍କୁଲରେ ଗଙ୍ଗାଧରଙ୍କୁ ପାଠ ପଢାଇଲେ । ଦାରିଦ୍ରର ଦାରୁଣ କଷାଘାତରେ ନିଷ୍ପେଷିତ ହୋଇଥିବାରୁ ପାଠପଢାରେ ତାଙ୍କର ବହୁବାଧା ସୃଷ୍ଟିହେଲା । ତେଣୁ ସେ ପାଠ ପଢିବା ସମୟରେ ତନ୍ତରେ ଲୁଗାବୁଣି ପରିବାରର ଭରଣ ପୋଷଣ ପାଇଁ ପିତାଙ୍କୁ ସାହାଯ୍ୟ କରୁଥିଲେ ।

ତାଙ୍କର ହସ୍ତାକ୍ଷର ସୁନ୍ଦର ହୋଇଥିବାରୁ ସେ ତମ ସୁଖ ଲେଖି କିଛି ଅର୍ଥ ମଧ୍ୟ ଉପାର୍ଜନ କରୁଥିଲେ । ସେ କାଳରେ ବାଲ୍ୟ ବିବାହ ପ୍ରଥା ପ୍ରଚଳିତ ଥିଲା । ତେଣୁ ତାଙ୍କର ପିତା ଗଙ୍ଗାଧରଙ୍କୁ ଦଶ ବର୍ଷ ବୟସରେ ରେମଣ୍ଡା ଗ୍ରାମର ଶାନ୍ତାଙ୍କୁ ବିବାହ କରି ଦେଲେ । ବ୍ରାଂଚ ସ୍କୁଲରେ ଶିକ୍ଷା ସମାପ୍ତ କରିଗଙ୍ଗାଧର ସ୍ଥାନୀୟ ମେଡିକାଲ ଭର୍ଣ୍ଣାକୁଲର ସ୍କୁଲରେ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଲେ । ଉତ୍କଟ ଦାରିଦ୍ର୍ୟ ଯୋଗୁଁ ସେ ପୁସ୍ତକ କ୍ରୟ କରିପାରୁ ନଥିଲେ । ପାଠ ପଢା ସମୟରେ ସେ ତିନିଟଙ୍କା ଆଠଅଣା ଖର୍ଚ୍ଚ କରିଥିଲେ ।

ଗଙ୍ଗାଧରଙ୍କର 'ଦୁର୍ବାକ୍ଷତ' ବିଧାନ ୧୮୭୮ ମସିହାରେ ହେଲା ତାଙ୍କର ପତ୍ନୀ ଶାନ୍ତା ରେମଣ୍ଡାରୁ ବରପାଲି ଆସିଲେ, ଗଙ୍ଗାଧରଙ୍କର ଗୃହସ୍ଥାଜୀବନ ଆରମ୍ଭ ହେଲା । ପରିବାର ପୋଷଣର ଭାର ଗଙ୍ଗାଧରଙ୍କ ଉପରେ ନ୍ୟସ୍ତ ହେଲା । ଏଣିକି ତନ୍ତ ଚାଳନାରେ ଗଙ୍ଗାଧର ବହୁ ସମୟ ବିନିଯୋଗ କଲେ । ଉତ୍କୃଷ୍ଟ ବୟନଶିଳ୍ପୀ ଭାବେ ଗଙ୍ଗାଧର ସୁଖ୍ୟାତିଲାଭ କଲେ । ଠିକ୍ ଏତିକି ବେଳକୁ ଘର ପୋଡିରେ ତନ୍ତ ଓ ଅନ୍ୟାନ୍ୟ ଆନୁଷାଙ୍ଗିକ ଉପକରଣ ପୋଡିଗଲା । ଗଙ୍ଗାଧରଙ୍କ ଦାରିଦ୍ର, ବେଢି ଉପରେ ନଳିତାବିଡା ପରି ହୋଇଉଠିଲା । ପରେ ଗଙ୍ଗାଧର ତନ୍ତ ଓ ଉପକରଣ ଗୁଡିକୁ ପଡୋଶୀ ମାନଙ୍କଠାରୁ ଯୋଗାଡ କରିଥିଲେ ।

୧୮୮୫ ମସିହାରେ ଗଙ୍ଗାଧର ବରପାଲୀ ଜମିଦାରଙ୍କ ଅଧିନରେ ଜଣେ ସାଧାରଣ ଅମିନ ଭାବରେ ଚାକିରିରେ ଯୋଗ ଦେଲେ । ପରେ ଜମିଦାରଙ୍କ ମାଲମୋହରିର ସହିତ ଖମାର ଓ ବଜାର ହିସାବ ମଧ୍ୟ ବୁଝୁଥିଲେ । ସେଥିପାଇଁ ସେ ମାସିକ ୭ ଟଙ୍କା ଦରମା ପାଉଥିଲେ । ଗଙ୍ଗାଧର କିଛିବର୍ଷ ପରେ ୧୫ ଟଙ୍କା ଦରମାରେ ଜୁଡିସିଆଲ ମୋହରିର ଭାବରେ ସରକାରୀ ଚାକିରିରେ ଯୋଗ ଦେଲେ । ପଦ୍ମପୁରରେ କାମକଲା ବେଳେ ସେ ମାସିକ ୩୫ ଟଙ୍କା ଦରମା ପାଉଥିଲେ । ଏହି ପଦ୍ମପୁରରୁ ଚାକିରୀରୁ ଅବସର



ଗ୍ରହଣ କରିଥିଲେ ।

ଓଡିଆ ଭାଷାର ସ୍ୱତନ୍ତ୍ର ନିମିତ ଗଙ୍ଗାଧର ଉତ୍କଳ ସମ୍ମିଳନୀର ଭିନ୍ନଭିନ୍ନ ଅଧିବେଶନରେ ଯୋଗଦେଇଥିଲେ । କଟକର ଇଦ୍‌ଗା ପଡିଆରେ ୧୯୦୩ ମସିହା ଡିସେମ୍ବର ୩୦ ଓ ୩୧ରେ ହୋଇଥିବା ପ୍ରଥମ ଉତ୍କଳ ସମ୍ମିଳନୀରେ ଗଙ୍ଗାଧର ଯୋଗଦେଇ ଜାତୀୟ ପଗଡି ପରିଧାନ କରିଥିଲେ । କବିବର ରଧାନାଥ ରାୟଙ୍କ ଘରେ ଅତିଥି ହୋଇଥଲେ । ଏକ ସମୟରେ ରାଧାନାଥ ରାୟତାଙ୍କର 'ବ୍ୟାକରଣ ପ୍ରବେଶ' ପ୍ରଣୟନ କରିଥିଲେ । ଏହି ପୁସ୍ତକର ଭୁଲ ଜାଣିବା ପାଇଁ ରାଧାନାଥ ଗଙ୍ଗାଧରଙ୍କର ସହାୟତା ଲୋଡିଥିଲେ ।

ଫକୀରମୋହନ ସେନାପତି, ରାଧାନାଥ ରାୟ, ମଧୁସୁଦନ ରାଓ, ରାଘବମିଶ୍ର, ବିଶ୍ୱନାଥ କର, ନୀଳକଣ୍ଠ ପୂଜାରୀ, ବଜ୍ରମୋହନ ପଣ୍ଡା, ହୀନ୍ଦୀ ସାହିତ୍ୟର କବିଲୋଚନ ପ୍ରସାଦ ପାଣ୍ଡେୟ, ନିଳମଣି ବିଦ୍ୟାରତ୍ନ ଆଦିଙ୍କ ସହ ଗଙ୍ଗାଧରଙ୍କ ସାରସ୍ୱତ ସମ୍ପର୍କ ଥିଲା । ୧୪.୦୭.୧୮୯୭ରେ ଗଙ୍ଗାଧରଙ୍କ ପତ୍ନୀ ଶାନ୍ତାଙ୍କର ମୃତ୍ୟୁ ପରେ ରାଧାନାଥ ରାୟ ଗଙ୍ଗାଧରଙ୍କୁ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରିବା ପାଇଁ ଉପଦେଶ ଦେଇଥିଲେ । ତେଣୁ ସେ ବିଧବା ଚମ୍ପାଙ୍କୁ ଦ୍ୱିତୀୟ ବିବାହ କଲେ । ଦ୍ୱିତୀୟ ପତ୍ନୀଙ୍କର କିଛି ପିଲାପିଲି ନଥିଲେ ।

ଗଙ୍ଗାଧର ନିଜ ଉପାର୍ଜନରେ ବରପାଲିକ ମିଦା ରଙ୍କଠାରୁ ଖଣ୍ଡିଏ ରୟତି ଜମିକ୍ରୟ କରିଥିଲେ । ଗଙ୍ଗାଧର ଅବସର ଗ୍ରହଣ ପରେ ପଦ୍ମପୁରର ଜମିଦାରଙ୍କ ଅଡିଟର ପଦବୀ ଗ୍ରହଣ କରିଥିଲେ । ଜମିଦାର ରାଜେନ୍ଦ୍ର ସିଂହ ବରିହା କବିଙ୍କ ସ୍ମୃତିକୁ ଅମର କରିବା ପାଇଁ 'କବିବରପୁର' ନାମରେ ଏକ ନୂତନ ଗ୍ରାମ ପ୍ରତିଷ୍ଠା କରିଥିଲେ ବି, ଗଙ୍ଗାଧରଙ୍କୁ ତେଣ୍ଡା ପଦର ନାମକ ଏକ ଗ୍ରାମ ଜମିଦାର ପୁରସ୍କାର ରୂପେ ପ୍ରଦାନ କରିଥିଲେ । ଏହି ତେଣ୍ଡା ପଦର ଗାଁ ଜମିରେ ଫସଲ ଫଳାଇବା ପାଇଁ ବହୁଖର୍ଚ୍ଚ କରି ସେ ଅସଫଳ ହୋଇଥିଲେ । ବରପାଲିର ଜମିଦାର ସୂର୍ଯ୍ୟାଦୟ ସିଂହଙ୍କ ନିମନ୍ତ୍ରଣ ପାଇଁ ଗଙ୍ଗାଧର ଜମିଦାରଙ୍କ ପରାମର୍ଶଦାତା ରୂପେ ନିଯୁକ୍ତି ପାଇଥିଲେ । ସେଠାରେ ସେ ଜନକଲ୍ୟାଣ ପାଇଁ ଏକ ସମିତି ଗଠନ କରିଥିଲେ, ତାର ନାମ ଥିଲା 'ସାଧୁ ସମିତି' ।

ଗଙ୍ଗାଧରଙ୍କର ପାରିବାରିକ ଜୀବନ ଦୁଃଖପୂର୍ଣ୍ଣ ଥିଲା । ଅଭାବ, ଅନଟନ ମଧ୍ୟରେ ଅତିବାହିତ କରୁଥିଲେ । ଦାରିଦ୍ର୍ୟର ଦାରୁଣ କଷାଘାତରେ ନଷ୍ପେଷିତ ହୋଇ ମଧ୍ୟ ସ୍ୱକୀୟ ସାଧନା ପଥରୁ ତିଳେ ହେଲେ ବିଚ୍ୟୁତ ହୋଇ ନଥିଲେ । ଅସାଧାରଣ ଧୈର୍ଯ୍ୟ, କର୍ତ୍ତବ୍ୟନିଷ୍ଠା, ନିର୍ଭୀକତା ଓ ଦୃଢ଼ ମନୋବଳ ଯୋଗୁଁ ତାଙ୍କର କବି ପ୍ରତିଭା ବିଚ୍ଛୁରିତ ହୋଇଥିଲା । ତାଙ୍କ ପୁତ୍ରର ବିୟୋଗ ଯୋଗୁଁ ସେ ମର୍ମାହିତ ହୋଇଥିଲେ ମଧ୍ୟ, ତାଙ୍କ ଭୁଲିଆ ସମାଜର ଉନ୍ନତି ପାଇଁ ନାନା ପଦକ୍ଷେପ ଗ୍ରହଣ କରିଥିଲେ ।

ଗଙ୍ଗାଧରଙ୍କ କାବ୍ୟ ପ୍ରତିଭାରେ ପ୍ରାଚୀନ ଧାରାର ପ୍ରଭାବ ଆଧୁନିକତା ଅପେକ୍ଷା ଅଧିକ ଥିଲା । ତାଙ୍କର 'ଇନ୍ଦୁମତୀ' କାବ୍ୟ 'ଉତ୍କଳପ୍ରଭା' ରେ ପ୍ରକାଶ ପାଇବା ପରେ ସେ ୨୦ ଟଙ୍କା ପୁରସ୍କାର ପାଇଥିଲେ । ସେ ପ୍ରଧାନତ କାବ୍ୟର କବି ଥିଲେ । କବିଗଙ୍ଗାଧର ମେହେର ଓଡିଆ ସାହିତ୍ୟରେ ଉଚ୍ଚକୋଟିର କାବ୍ୟ ଓ କବିତାମାନ ରଚନା କରି ଯାଇ ଅଛନ୍ତି ସେ ଗୁଡିକ ହେଲା- ଇନ୍ଦୁମତୀ, କୀଚକବଧ, ତପସ୍ୱିନୀ, ପ୍ରଣୟବଲ୍ଲରୀ, ପଦ୍ମିନୀ, ରସରତ୍ନାକର, ଉତ୍କଳଲକ୍ଷ୍ମୀ, ବଳରାମ ଦେବ, ଅଯୋଧ୍ୟା ଦୃଶ୍ୟ, ଅହଲ୍ୟାସ୍ତବ, ଭାରତୀରୋଦନ, ସୁଖସ୍ୱପ୍ନ, ତରୁବର, ବେଦବ୍ୟାସ, ଚନ୍ଦ୍ରରଜନୀ, ଭକ୍ତି, ଅମୃତମୟ, ମଧୁମୟ, ଉତ୍କଳ ଭାରତୀଙ୍କ ଉକ୍ତି, ଗଣେଶଙ୍କର ଆତ୍ମକଥା, ତାକୁ ମଧ୍ୟ ବୋଲୁଥାନ୍ତି ଧର୍ମ-ଅବତାର, ମାତୃଭୂମି, ଉତ୍କଳ ସମ୍ମିଳନୀ ଉପଲକ୍ଷେ, ଭାରତୀ-ଭାବନା, ଅନ୍ନର ମହିମା, କୃଷକର ଆତ୍ମକଥା, ଧାନଚାଷ, କପା କବିଙ୍କର ଶ୍ରେଷ୍ଠକାବ୍ୟ ଓ କବିତାକୃତି । ଗଙ୍ଗାଧର ତାଙ୍କ କାବ୍ୟ ଓ କବିତାରେ ଆଦର୍ଶ ବାସ୍ତବତା, ଦର୍ଶନ, ଧର୍ମ, ସତ୍ୟଦୃଷ୍ଟି, କାଳ୍ପନିକତା, ସଂସ୍କାର ଓ କୁସଂସ୍କାର ପ୍ରଭୃତିକୁ ଉପଜୀବ୍ୟ କରିଛନ୍ତି ।

ଏହି କାଳଜୟୀ କବିଗଙ୍ଗାଧର ୧୯୨୪ ଏପ୍ରିଲ ୪ ତାରିଖରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ସ୍ୱଭାବକବି ଗଙ୍ଗାଧର ମେହେର ତାଙ୍କ କାବ୍ୟ ପ୍ରତିଭା ପାଇଁ ଉତ୍କଳର ଜନମାନସ ଓ ଓଡିଆ ସାହିତ୍ୟ ଭଣ୍ଡାରରେ ଚିର ଜାଜ୍ୱଲ୍ୟମାନ ହୋଇ ରହିବେ । କବି ଗଙ୍ଗାଧରଙ୍କୁ ସମ୍ବୋଧନ କରି କବି ନନ୍ଦ କିଶୋର ବଳ ଯଥାର୍ଥରେ ଲେଖିଛନ୍ତି-

'ଭିକ୍ଷୁକ ସଙ୍ଗତେ
ନୃପ ମୁକୁଟ-ମଣ୍ଡିତ
କାଳ ବଳେ ହେବେ
ସର୍ବେ ଭବୁଁ ଅନ୍ତର୍ହିତ ।
କିନ୍ତୁ ତୁମ୍ଭେ ଦିନକବି
ରହିବ ଜୀବିତ
ଯେତେଦିନ ଭବେ ଥିବ
ଓଡିଆ ସାହିତ୍ୟ ।'

ଓଡ଼ିଆ ସାହିତ୍ୟର ଆଲୋକ- ସ୍ୱଭାବକବି ଗଙ୍ଗାଧର

ଅମୂଲ୍ୟ କୁମାର ପଣ୍ଡା

ଅରଙ୍ଗାବାଦ, ବରୀ, ଯାଜପୁର

ମୋ - ୯୯୩୮୯୦୬୦୭୦

ଗଙ୍ଗାଧର ମେହେର ଶ୍ରାବଣ ମାସର ପୂର୍ଣ୍ଣିମା ତିଥିରେ ୯ ଅଗଷ୍ଟ ୧୮୬୨ରେ ଅବିଭକ୍ତ ସମ୍ବଲପୁର ଯାହା ବର୍ତ୍ତମାନର ବରଗଡ଼ ଜିଲ୍ଲାର ବରପାଲି ଗ୍ରାମ ନାମରେ ଅବସ୍ଥିତ ଉକ୍ତ ପବିତ୍ର ସ୍ଥାନରେ ଜନ୍ମ ଗ୍ରହଣ କରିଥିଲେ । ସେ ଜଣେ ଓଡ଼ିଆ ରୀତି କବି ତଥା ଜଣେ ପ୍ରତିଭାବାନ କବି ଥିଲେ । ଗଙ୍ଗାଧର ବାଲ୍ୟକାଳରୁ କବିତା ଲେଖିବା ଆରମ୍ଭ କରିଥିଲେ । ଓଡ଼ିଶାର ପୁରାତନ କବିମାନଙ୍କର ପଦାଙ୍କ ଅନୁସରଣ କରି ସେମାନଙ୍କ ଶୈଳୀରେ ସେ ନିଜର ପ୍ରଥମ ଲେଖା ସବୁ ଲେଖିଥିଲେ । ତାଙ୍କର ଆଦ୍ୟ ରଚନାବଳୀ ଭିତରେ ରସ ରତ୍ନାକର ଓ ଅହଲ୍ୟା ସ୍ତବ ଆଦି ଅନ୍ୟତମ । ଏ ଗୁଡ଼ିକ ରୀତିଯୁଗୀୟ ଶୈଳୀରେ ରଚନା କରାଯାଇଥିଲା । ସେ ଜନ୍ମରୁ ଉଚ୍ଚ ଶିକ୍ଷାଦୀକ୍ଷା ପାଇ ପାରି ନଥିଲେ ମଧ୍ୟ ଜଣେ ଅସାଧାରଣ ପ୍ରତିଭାବାନ କବି ଥିଲେ । ସେ ଏକାଧାରରେ ପ୍ରକୃତି କବି ଓ ସ୍ୱଭାବ କବି ଭାବେ ମଧ୍ୟ ପରିଚିତ । ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ଓଡ଼ିଆ ସାହିତ୍ୟ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ସମୟ । ଏହି ସମୟରେ ବିଶିଷ୍ଟ ସ୍ରଷ୍ଟା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କର ଆର୍ବିଭାବ ହୋଇଥିଲା । ସେ ତାଙ୍କ ଲେଖା ମାଧ୍ୟରେ ଓଡ଼ିଆ ଭାଷା ସାହିତ୍ୟକୁ ରୁଦ୍ଧିମନ୍ତ କରିଥିଲେ । ଯେତେବେଳେ ସମ୍ବଲପୁରରେ ଓଡ଼ିଆ ଭାଷାକୁ ହଟାଇ ହିନ୍ଦୀ ଭାଷାକୁ ପ୍ରଚଳିତ ଚେଷ୍ଟା ହେଉଥିଲା ସେତେବେଳେ ଗଙ୍ଗାଧର ମେହେର ହିଁ ଏହାକୁ ବିରୋଧ କରିଥିଲେ । ୧୮୮୫ ମସିହାରେ ଅମିନ ଭାବେ ଚାକିରି ଆରମ୍ଭ କରି ୧୯୧୭ ମସିହାରେ ମୋହରିର ଭାବେ ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ । ପରିବେଶ ପ୍ରତିକୂଳ କିମ୍ବା ଅନୁକୂଳ ହେଉ ସର୍ବଦା ନିଜର ଲେଖନୀ ଚାଳନା କରି ସେ ସାହିତ୍ୟକୁ ରୁଦ୍ଧିମନ୍ତ କରିଥିଲେ ।

ଆଧୁନିକ କାଳର ଅନ୍ୟତମ ପ୍ରଭାବଶାଳୀ ସାହିତ୍ୟରଥୀ ଭାବରେ ଓଡ଼ିଆ ସାହିତ୍ୟରେ ଗଙ୍ଗାଧର ମେହେରଙ୍କର ଅମର ସ୍ୱାକ୍ଷର ରଖି ଯାଇଛନ

ହରି ହୋତା ଓ ହରିପ୍ରିୟା ହୋଟେଲ

ଶଙ୍କରପୁର, ଚାରବାଟିଆ,
ଚୌଦ୍ୱାର, କଟକ
ମୋ: ୯୮୬୧୧୨୬୧୯୭

ଦିଲ୍ଲୀପ ସାହୁ

ସଟ୍ ଡାଉନ୍ ଆରମ୍ଭରୁ ବନ୍ଦ ରହିଥିବା ହରିପ୍ରିୟା ହୋଟେଲ ଆଗରେ ସକାଳୁ ସକାଳୁ ପ୍ରବଳ ଗହଳୀ। ପ୍ରାତଭ୍ରମଣରେ ବାହାରିଥିବା ରାଜଧାନୀ, 'ନିଗମ ନଗର'ର ବାସିନ୍ଦାମାନେ ଅଟକି ଯାଇଛନ୍ତି ତାଙ୍କ ଛକର ଏହି ପ୍ରମୁଖ ହୋଟେଲ ସମ୍ମୁଖରେ। ସମସ୍ତେ ଖାଲି ଆହା, ବିଚାରା, ଏହିପରି କହୁଥାନ୍ତି। କିଏ ସେହି ଗହଳୀ ଭିତରେ ନିଜକୁ ମିଶାଇ ଦେଉଥାଏତ ଆଉ କିଏ ସାମାଜିକ ଦୂରତା ରକ୍ଷାକର କହି ଦୂରେଇ ଯାଉଥାଏ। ହୋଟେଲ ବାରଣ୍ଡାରେ ପଡିଥାଏ ହୋଟେଲ ମାଲିକ ହରି ହୋତାଙ୍କ ମର ଶରୀର। ଗତ କିଛିଦିନ ହେବ ସେ ତାଙ୍କ ମାନସିକ ଭାରସାମ୍ୟ ହରାଇ ପାଗଳ ପ୍ରାୟ ହୋଇ ଯାଇଥିଲେ। ଆଉ ଆଜି ତାଙ୍କ ମୃତ୍ୟୁରେ 'ନିଗମ ନଗର' ବାସିନ୍ଦା ହତବାକ।

ହରିହର ହୋତା, ଘର କଟକ ଜିଲ୍ଲା ହରିଅନ୍ତା ଗାଁରେ। ମାଟ୍ରିକ ଫେଲ୍ ହେବାରୁ ବହିରେ ଡୋରିବନ୍ଧା ହେଲା। ଗାଁ ମୁଣ୍ଡରେ ଥିଲା ବାପାଙ୍କର ଜଳଖିଆ ଦୋକାନ। ଆଉ ପାଠପଢ଼ାରେ ମନ ନଦେଇ ସେହି ଦୋକାନ କାମରେ ନିଜକୁ ହଜେଇ ଦେଲେ ହରିହର।

ତାଙ୍କ ବାପା କୁହନ୍ତି ହରି ଦୋକାନରେ ବସିଲା ଦିନରୁ ଭଲ ବିକ୍ରି ହେଉଛି। ଗାଁର ଟୋକାମାନେ ଅନ୍ୟ ସବୁ ଦୋକାନ ଛାଡି ସେଇଠି ଭିଡ ଜମାଉଛନ୍ତି। ବାପ ଏବେ ପୁଅ ଉପରେ ଭାରି ଖୁସି। ଗରାଖମାନେ ଏବେ ବାପାକୁ ଭୁଲିଗଲେଣି। ସମସ୍ତେ କହୁଛନ୍ତି ହରି ଜଳଖିଆ ଦୋକାନ ।

ହରିଅନ୍ତା ଆଉ ତା ଆଖପାଖ ଗାଁରୁ ଅନେକ ଲୋକ ପ୍ରତିଦିନ ବିଭିନ୍ନ କାମ ପାଇଁ କଟକ ଯାଆନ୍ତି। ସେଥିପାଇଁ ଗାଁରୁ ପ୍ରାୟ ପାଞ୍ଚକିଲୋମିଟର ଦୂରକୁ ଯାଇ ଲୋକମାନଙ୍କୁ ବସ୍ ଧରିବାକୁ ପଡେ। କେହିଜଣେ, ଲୋକଙ୍କ ସୁବିଧା ପାଇଁ ହରିଅନ୍ତାରୁ ସିଧା କଟକକୁ ବସ୍ ଚଲାଇଲା। ପ୍ରତିଦିନ ସକାଳୁ ବସ୍ ଛାଡେ ହରି ଦୋକାନ ପାଖରୁ। ଆଉ ସନ୍ଧ୍ୟାରେ ଫେରି ତାରି ଦୋକାନ ପାଖରେ ଅଟକେ।

ପାଖ ଗାଁର ଝିଅ ପ୍ରିୟା କଟକରେ କେଉଁ ଗୋଟେ ଲେଡିଜ୍ କର୍ଣ୍ଣରରେ କାମ କରୁଥିଲା । ସିଏ ସେହି ହରିଅନ୍ତା କଟକ ବସ୍‌ର ଡେଲି ପ୍ୟାସେଞ୍ଜର। ବସ୍ ଛାଡିବା ଡେରି ହେଲେ ସିଏ ହରି ଦୋକାନରେ କିଛି ସମୟ ବସୁଥିଲା ଆଉ ହରି ସହିତ ହସ ଖୁସି ମଧ୍ୟ ହେଉଥିଲା। ଏକା ଜାତିର ଝିଅ ଯେହେତୁ ଦିନକୁଦିନ ତା ପ୍ରତି ଆକର୍ଷିତ ହେବାକୁ ଲାଗିଲା ହରି। ଦିନେ ଏକୁଟିଆ ପାଇ ସିଏ ତା ମନକଥା ପ୍ରିୟାକୁ କହିଦେଲା। ପ୍ରିୟା ବୋଧେ ମନେମନେ ହରିକୁ ଭଲ ପାଉଥିଲା। ହରିର କଥା ଶୁଣି ଖୁସି ହେଲା, ଲାଜେଇ ଗଲା ଆଉ ସେ ରାଜି ବୋଲି କହି ଦୌଡି ପଳାଇ ଗଲା। କଥା ଗଲା ଉଭୟଙ୍କ ଘରକୁ। ଜାତି ଏକା। ପୁଅ ପାରିବାର, ଝିଅ ସୁନ୍ଦର। ଦୁଇ ପକ୍ଷ ରାଜି ହୋଇଗଲେ। ଧୂମଧାମରେ ବାହାଘର ହୋଇଗଲା। ବାହାଘର ପରେ ପ୍ରିୟା ଲେଡିଜ୍ କର୍ଣ୍ଣର କାମ ଛାଡି ସମ୍ପୂର୍ଣ୍ଣ ଗୃହିଣୀ ପାଲଟିଗଲା ।

ସବୁ ଠିକ୍ ଠାକ୍ ଚାଲିଥାଏ । ହଠାତ୍ ଦିନେ ଖବର ଆସିଲା ନ୍ୟାସନାଲ ହାଇୱେ ବାଇପାସ୍ ହରିଅନ୍ତା ଗାଁ ଦେଇ ଯିବ। ଖବର ବିଜୁଳି ବେଗରେ ଗାଁ ସାରା ଖେଳିଗଲା। ଲୋକମାନେ ଖୁବ୍ ଖୁସିହେଲେ। କିନ୍ତୁ ଦୁଃଖରେ ଭାଙ୍ଗିପଡିଲା ହରି । କାରଣ ତା ଦୋକାନ ଭାଙ୍ଗିବାକୁ ପଡିବ। ଏବେ କଣ କରିବ ନକରିବ ଚିନ୍ତାରେ ପଡିଥିବା ବେଳେ ପ୍ରିୟା ତାକୁ ଭଲ ପରାମର୍ଶଟିଏ ଦେଲା।

ତାର ଜଣେ ସାଙ୍ଗ କହୁଥିଲା 'ଭୁବନେଶ୍ୱର ବାରଙ୍ଗ ମଝିରେ ନୂଆ କଲୋନୀଟିଏ ବସିଛି,'ନିଗମ ନଗର'। ଦୋକାନ ବଜାର ନାହିଁବୋଲି ଲୋକେ ବହୁତ ଅସୁବିଧାରେ ପଡୁଛନ୍ତି। ରାସ୍ତା କଡ ସରକାରୀ ଯାଗାରେ ଗୋଟିଏ ଦୁଇଟା ଦୋକାନ ହେଲାଣି। ହେଲେ ଜଳଖିଆ ଦୋକାନ ଜମା ନାହିଁ। ସେଇଠି ଦୋକାନ କଲେ କେମିତି ହୁଅନ୍ତା ?'

ପ୍ରିୟାର କଥା ହରିର ମନକୁ ପାଇଲା। ମଝିରେ ଯାଇ 'ନିଗମ ନଗର' ଅଞ୍ଚଳ ଦେଖି ଆସିଲା, ଆଉ ସେଇଠି ଯାଗା ଖଣ୍ଡେ ଦେଖି କ୍ୟାବିନଟିଏ ପକାଇ ଜଳଖିଆ ଦୋକାନ କରିବା ପାଇଁ ସବୁ ବନ୍ଦୋବସ୍ତ କରିଦେଲା।

ଏଣେ ରାସ୍ତା କାମ ଆରମ୍ଭ ପାଇଁ ଗାଁ ଦୋକାନ ଭଙ୍ଗା ହେବା ଆଗରୁ ହାଣ୍ଡି କଡେଇ ଧରି ହରି ଚାଲିଲା 'ନିଗମ ନଗର'।

'ନିଗମ ନଗର'ର ପ୍ରଥମ ଜଳଖିଆ ଦୋକାନ। ସକାଳୁ ବେଶ୍ ଭିଡ ଜମେ।

ହରିର ହାତ ମଧ୍ୟ ଭଲ। ତା ହାତର ସୁଆଦିଆ ବରା ସିଙ୍ଗଡା ନିଗମ ନଗର ଲୋକଙ୍କୁ ଦେଇଥାଏ ଭରପୁର ଆନନ୍ଦ। ବିକ୍ରି ବଢିଲା , ଲାଭ ବଢିଲା। ହରି କ୍ୟାବିନ ଉଠାଇ ଘରଟିଏ କରିଦେଲା। କିଛିଦିନ ପରେ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ ସେଠାରେ ଭେଣ୍ଡିଂଜୋନ କରିଦେବାରୁ ହରିକୁ ଆହୁରି ସୁବିଧା ହୋଇଗଲା। ସେ କେବଳ ଜଳଖିଆ ନକରି ମିଲ୍ ମଧ୍ୟ ପ୍ରସ୍ତୁତ କଲା। ସେଥିପାଇଁ ଦି ତିନୋଟି ଲୋକ ରଖିବାକୁ ପଡିଲା। ହରି ଗରାଖଙ୍କ କଥା ବୁଝିଥାଏ,କାଉଁଟର ସମ୍ଭାଳେ ପ୍ରିୟା। ତେଣୁ ଲୋକେ କହିବାକୁ ଆରମ୍ଭ କଲେ ହରି ହୋଟେଲ୍ ନହେଲେ ପ୍ରିୟା ହୋଟେଲ୍। ଲୋକଙ୍କ କଥା ଶୁଣି ହରି ସାଇନବୋର୍ଡ ଟିଏ ଝୁଲାଇଦେଲା 'ହରିପ୍ରିୟା ହୋଟେଲ'। ବାରଙ୍ଗ ଆଡକୁ ରାଜଧାନୀ ମୁହାଁଇବାକୁ ଲାଗିଲା। ଗଢି ଉଠିଲା ଅନେକ ବୈଷୟିକ ଶିକ୍ଷାନୁଷ୍ଠାନ। ଖୋଲିଲା ବଡବଡ ମଲ୍ ଆଉ ସୋ ରୁମ୍ । କ୍ରମେ 'ନିଗମ ନଗର' ଅଞ୍ଚଳର ଚାହିଦା ବଢିବାରେ ଲାଗିଲା। ପ୍ରତିଦିନ ଲୋକେ ଘର ଖୋଜିଖୋଜି ଆସି ପହଞ୍ଚନ୍ତି ହରିପ୍ରିୟା ହୋଟେଲ୍‌ରେ। କିଏ ସିଙ୍ଗଲ ରୁମ୍ ଖୋଜୁଥାଏ ତ କିଏ ଥ୍ରୀନ୍ ବି.ଏଚ୍.କେ., କିଏ ପୁଣି ଟୁ ବି.ଏଚ୍.କେ. ଘର। ଆଉ କିଛି ଅବିବାହିତ ଯୁବକ ଯୁବତୀ ଖୋଜୁଥାନ୍ତି ହଷ୍ଟେଲ। ଏସବୁ ଦେଖି ପ୍ରିୟା ମନକୁ କଥାଟିଏ ଆସିଲା। ସେମାନେ ଯଦି ବଡଘରଟିଏ ଭଡା ନେଇ ହଷ୍ଟେଲ ଖୋଲନ୍ତେ ଝିଅମାନେ ସୁବିଧାରେ ରୁହନ୍ତେ ଆଉ ତା ହୋଟେଲରୁ ଖାଇବାକୁ ବି ନିଅନ୍ତେ। କଥାଟା ମନ୍ଦ ନୁହେଁ ବୋଲି କହିଲା ହରି।

ଘର ଖୋଜା ଚାଲିଲା। 'ନିଗମନଗର' କୋଣ ମୁଣ୍ଡରେ ତିନିମହାଲା ଘରଟା ବହୁଦିନ ଧରି ବନ୍ଦ ରହିଥିଲା। ହରି, ଘର ମାଲିକଙ୍କ ଠିକଣା ଖୋଜି ତାଙ୍କ ସହ ଯୋଗାଯୋଗ କଲା। ଭଦ୍ରଲୋକ ରୁହନ୍ତି ସହିଦନଗରରେ । ପିଲାମାନେ ତାଙ୍କର ବିଦେଶରେ। ବୁଝାବୁଝି କରିବାକୁ କେହି ନାହାଁନ୍ତି ବୋଲି ଘରଟା ଖାଲି ପଡିଛି। ହରିର ପ୍ରସ୍ତାବ ତାଙ୍କୁ ପସନ୍ଦ ହେଲା। ଭଡା ଛିଡାଇ ଘରର ଚାବିଟା ବଢାଇଦେଲେ ଭଦ୍ରଲୋକ ।

ଘରଟା ବହୁଦିନ ଧରି ବନ୍ଦ ରହିଥିଲା। ତେଣୁ ଘରସାରା ଅରନ୍ଧୁ ଆଉ ଧୂଳିରେ ଭର୍ତ୍ତି ହୋଇଯାଇଥିଲା। ସ୍ୱାମୀ ସ୍ତ୍ରୀ ଦିହେଁ ଘରଟାକୁ ଭଲଭାବରେ ପରିଷ୍କାର କରିଦେଲେ। ତାଙ୍କ ହୋଟେଲ ପାଖ ମହାରଣା ଦୋକାନରେ ବରାଦ ଦେଇ ଦଶ ବାରଟା ଖଟ କିଣି ସବୁ କୋଠରୀରେ ପକାଇଦେଲେ। ବିନା ବିଜ୍ଞାପନରେ ସପ୍ତାହକ ଭିତରେ ସବୁ ବେଡ୍ ଭର୍ତ୍ତି ହୋଇଗଲା। ଝିଅମାନେ ସେଠାରେ ରୁହନ୍ତି ଓ ସଞ୍ଜ ସକାଳେ ସମାନଙ୍କ ବରାଦ ମୁତାବକ ଖାଦ୍ୟ ପଠାଇଦିଏ ପ୍ରିୟା। ହୋଟେଲ୍ ପରି ହଷ୍ଟେଲ ମଧ୍ୟ ଭଲ ଚାଲିଲା। ଯା ଭିତରେ ପ୍ରିୟା ମାଆ ହୋଇସାରିଥାଏ ।

ପୁଅଟି ତାର ଭାରି ଡଉଲ ଡାଉଲ ନାମ ତାର ପପୁ। ପୁଅ ବଡହେଲା। ପାଠ ପଢିଲା। ହରି ଚାହୁଁଥିଲା ପୁଅ ତାର ଇଞ୍ଜିନିୟର ହେବବୋଲି। ପ୍ରିୟା ଭାବୁଥିଲା ପୁଅକୁ ଡାକ୍ତର କରିବା ପାଇଁ। ପପୁର ଦିଗ ଥିଲା ଅଲଗା। ବିଜ୍ଞାନ ପାଠ ପ୍ରତି ତାର ଜମା ମନ ନଥିଲା । ତେଣୁ ସେ ବିଏ ପଢିଲା। ବିଏ ପାସ୍ କରି ଚାକିରି ପ୍ରତି ମନ ନଦେଇ ଜିମ୍ନାସିୟମଟିଏ କରିବା ନିମନ୍ତେ ଇଚ୍ଛା କଲା । ବାପ ମାଆ ପ୍ରଥମେ ଅରାଜି ହେଉଥିଲେ, ପରେ କିନ୍ତୁ ପୁଅର ମନ ରଖିବା ପାଇଁ ରାଜି ହୋଇଗଲେ । ପପୁ ସେହି 'ନିଗମନଗର'ରେ ବଡଘରଟିଏ ଭଡା ନେଲା। ଭଡା ମାସକୁ ଷାଠିଏ ହଜାର। ତାସହିତ ଜିମ୍ନାସିୟମ ଇନଷ୍ଟ୍ରୁମେଣ୍ଟ କିଣିବାରେ ଖର୍ଚ୍ଚ ହେଲା ତିନିଚାରି ଲକ୍ଷ ଟଙ୍କା। ସେଥିପାଇଁ ପପୁକୁ ଲୋନ୍ କରିବାକୁ ପଡିଥିଲା। ପ୍ରଥମେ ପ୍ରଥମେ ହରି ଆଉ ପ୍ରିୟା ଆଶଙ୍କା ଭିତରେ ଥିଲେ, ଏତେ ଟଙ୍କା ବିନିଯୋଗ ହେଲା , ଲାଭ ମଳିବ ତ ! ପହିଲି ମାସରେ ସେମାନଙ୍କ ସବୁ ଆଶଙ୍କା ଦୂରହୋଇଗଲା। 'ନିଗମନଗ'ର ଆଖପାଖ ଅଞ୍ଚଳର ପୁଅ ଝିଅଙ୍କର ବେଶ୍ ଭିଡ ଜମିବା ଦେଖିବାକୁ ମିଳିଲା ସେହି ଜିମ୍ନାସିୟମରେ। ଘରଭଡା ଓ ବ୍ୟାଙ୍କ କିସ୍ତି ଦେଇସାରିବା ପରେ ଭଲ ଦିପଇସା ଲାଭ ବହାରିଲା। ଏବେ ବାପ ମାଆ, ପୁଅ ଉପରେ ବେଶ୍ ଖୁସି ।

ପୁଅ ଯୋଗ୍ୟର ହୋଇଗଲା,ତେଣୁ ତା ବାହାଘର ପାଇଁ ଝିଅ ଖୋଜିବା ଆରମ୍ଭ କରିଦେଲେ ହରି ଆଉ ପ୍ରିୟା। ଯାହାହେଉ ମନଲାଖି ଝିଅଟିଏ ମିଳିଗଲା। ବାହାଘର ପରେ ପ୍ରିୟା ଭାବିଲା, ସେମାନେ ସ୍ୱାମୀ ସ୍ତ୍ରୀ ଯିବେ ହୋଟେଲକୁ, ପୁଅ ଯିବ ଜିମ୍ନାସିୟମ ।

ବୋହୂଟା ଘରେ ବସି କଣ କରିବ ! ତେଣୁ ଶାଶୁ କଥାରେ ବୋହୂ ବିୟୁଟିସିଆନ୍ ଟ୍ରେନିଂ ନେଲା ଓ ପପୁର ଜିମ୍ନାସିୟମ ତଳ ମହଲାରେ ଥିବା ଦୋକାନ ଘରେ ବିୟୁଟି ପାର୍ଲରଟିଏ ଖୋଲିଲା। ପାର୍ଲର ମଧ୍ୟ ଭଲ ଚାଲିଲା ।

ହୋଟେଲ୍, ହଷ୍ଟେଲ, ଜିମ୍ନାସିୟମ, ବିୟୁଟି ପାର୍ଲର, ସବୁ ଭଲ ଚାଲୁଥାଏ। ଏଥିପାଇଁ କିଛି ଲୋକ ପ୍ରିୟାକୁ ପ୍ରଶଂସା କରୁଥାନ୍ତି ତ କିଛିଲୋକ ଈର୍ଷା କରୁଥାନ୍ତି । ଠିକ୍ ଏତିକି ବେଳେ ମାଡିଆସିଲା କରୋନା ମହାମାରୀ।

ଆତଙ୍କ ଖେଳିଗଲା ସାରା ବିଶ୍ୱରେ। ରାଜ୍ୟ ଆଉ ଦେଶରେ ସଟ୍ ଡାଉନ୍ ପରେ ସଟ୍ ଡାଉନ୍ ଘୋଷଣା କରାଗଲା। ସବୁ ବନ୍ଦ ହୋଇଗଲା। ବନ୍ଦ ହୋଇଗଲା ହରିପ୍ରିୟା ହୋଟେଲ୍ ଆଉ ହଷ୍ଟେଲ। ପପୁର ଜିମ୍ନାସିୟମ ଓ ତା ସ୍ତ୍ରୀର ବିୟୁଟି ପାର୍ଲର। କରୋନା କୋପରୁ ସବୁ ବନ୍ଦ ।

ମାସେ ଗଲା, ଦିମାସ ଗଲା, ତିନିମାସ ବେଳକୁ ଅବସ୍ଥା ଅସମ୍ଭାଳ। ହଷ୍ଟେଲ, ଜିମ୍ନାସିୟମ, ବିୟୁଟି ପାର୍ଲରର ଘରଭଡା, ଜିମ୍ନାସିୟମ ଜିନିଷପତ୍ରର ବ୍ୟାଙ୍କ କିସ୍ତି, ଘର ଖର୍ଚ୍ଚ। ମାସକୁ ନିହାତି ଦେଢଲକ୍ଷ ।

ସବୁତ ବନ୍ଦ, ଏତେଟଙ୍କା ଆସିବ କୁଆଡୁ । ସବୁଦିନ ଶୋଇବା ପୂର୍ବରୁ ବାପ ମାଆ ପୁଅ ବୋହୂ ସମସ୍ତେ ବସି ଏ ସମ୍ପର୍କରେ ଆଲୋଚନା କରନ୍ତି, ଅସୁବିଧାରୁ ମୁକୁଳିବା ପାଇଁ ବାଟ ଖୋଜନ୍ତି । ସବୁ



ଆଡ କିନ୍ତୁ ଅନ୍ଧାର ଦିଶେ। ସମାଧାନର ଖିଅ ସବୁ ଯେମିତି ଅଲୁରା ହୋଇଯାଏ। କରୋନା ଯୋଗୁ ସୃଷ୍ଟି ହୋଇଥିବା କରୁଣ ପରିସ୍ଥିତି ସାରା ପରିବାରକୁ ଅସହାୟ କରିଦିଏ ଯେମିତି।

ଦିନେ ସକାଳୁ ସକାଳୁ ପପୁ ବାହାରିଲା ଜିମ୍ନାସିୟମକୁ। ବହୁତଦିନ ହେଲା ବନ୍ଦ ପଡିଛି ସଫାସଫି କରି ଫେରିବ। ଫେରିଲେ ଗାଧୁଆ ପାଧୁଆ କରି ଖାଇବ। ହେଲେ ଦିନ ଦୁଇଟା ବାଜିଲା ସିଏ ଫେରିଲାନି । ଏଣେ ଘରେ ସମସ୍ତେ ବ୍ୟସ୍ତ ହୋଇପଡିଲେ। ତା ସ୍ତ୍ରୀ ମଧ୍ୟ ବାରମ୍ବାର ଫୋନ୍ କରୁଥାଏ। ଫୋନ୍ ରିଂ ହୋଇ ବନ୍ଦ ହୋଇଯାଉଥାଏ। ପିଲାଟା କୁଆଡେ ଗଲା ଦେଖିବା ପାଇଁ ହରି ଜିମ୍ନାସିୟମ ପାଖକୁ ଗଲା । ସେଠି ପହଞ୍ଚି ଯାହା ଦେଖିଲା ସେଥିରେ ସିଏ ଆବାକାବା ହୋଇଗଲା। ଜିମ୍ନାସିୟମର ଛୋଟ କବାଟ ଖୋଲାଅଛି। ତାଭିତରେ ଗୋଟିଏ ଷ୍ଟ୍ରେଚିଂ ଇନଷ୍ଟ୍ରୁମେଣ୍ଟ ଉପରେ ଶୋଇଛି ପପୁ । ହେଲେ ନିଶ୍ୱାସ ପ୍ରଶ୍ୱାସ ବନ୍ଦ । ହରିର ଛାତି ଥରି ଉଠିଲା। ଭୟ କାତର ହୋଇ ପଡିଲାସେ। କଣ କରିବ ନକରିବ କିଛି ବୁଝିପାରୁନଥିଲା। ପ୍ରିୟାକୁ ଫୋନ୍ କଲା। ବୋହୂକୁ ସାଥିରେ ନେଇ ପ୍ରିୟା ପହଞ୍ଚିଲା ଜିମ୍ନାସିୟମରେ। ପପୁର ମୃତ ଶରୀରକୁ ଧରି ସାରା ପରିବାର ବାହୁନିବାକୁ ଆରମ୍ଭ କରିଦେଲେ। ଆହା କହିବାକୁ ପାଖରେ କେହି ନଥିଲେ। କିନ୍ତୁ କେହି ଜଣେ ଖବର କରିଦେବାରୁ ପୋଲିସ ପହଞ୍ଚି ଶବ ବ୍ୟବଚ୍ଛେଦର ବ୍ୟବସ୍ଥା କଲେ ।

ରିପୋର୍ଟ ଆସିଲା ହୃଦ୍‌ଘାତ ଜନିତ ମୃତ୍ୟୁ। ଅର୍ଥ ଚିନ୍ତା ଅତିଶୟ ଭାବରେ ମାନସିକ ଯନ୍ତ୍ରଣା ଦେଉଥିଲା। ଆଉ ସେହି ଚିନ୍ତାରେ ତାର ହାର୍ଟ ଫେଲ୍ କରିଗଲା। ଏଠୁ ସେଠୁ ଧାର୍ ଆଣି ପୁଅର ଶୁଦ୍ଧି କ୍ରିୟା ସାରିଦେଲେ ହରି ଆଉ ପ୍ରିୟା। ପପୁ ମୃତ୍ୟୁର ଚଉଦ ଦିନ,ତା ଶ୍ୱଶୁର କହିଲେ ଝିଅ ତାଙ୍କର ଦୁଃଖରେ ଭାଙ୍ଗିପଡି ନୀରବ ନିଶ୍ଚଳ ହୋଇ ଯାଇଛି। ତେଣୁ ତାକୁ ସାଥିରେ ନେଇଗଲେ ଭଲ ହେବ। ହରି ଆଉ ପ୍ରିୟା ଏମିତି ଅବସ୍ଥାରେ ବାରଣ କରନ୍ତେ ବା କାହିଁକି ! ବୋହୂ ଚାଲିଗଲା ତା ବାପଘରକୁ । ଏଠି ମାଟି କାମୁଡି ପଡିରହିଲେ ସ୍ୱାମୀ ସ୍ତ୍ରୀ ଦୁହେଁ । ଜିମ୍ନାସିୟମ ଓ ପାର୍ଲର ଘର ମାଲିକ ଆସି ପୂରୁଣା ତାଲା ଭାଙ୍ଗି ସେମାନଙ୍କ ତାଲା ପକାଇ ଚାଲିଗଲେ। ସେମାନେ ଜାଣିଥିଲେ ତାଙ୍କ ଭଡା ଟଙ୍କା ଆଉ ମିଳିବନି । ସଟ୍ ଡାଉନ୍ ସରିଗଲେ ଘରଭିତରେ ଥିବା ଜିନିଷପତ୍ର ବିକି ଘରପୋଡିରୁ କୁଟା ଖିଏ ପାଇଯିବେ। ଏଣେ ହଷ୍ଟେଲ ବିଲ୍ଡିଂ ମାଲିକ ପ୍ରତିଦିନ ଆସି ଭଡା ମାଗୁଛନ୍ତି। ଦିନକୁଦିନ ଚିନ୍ତା ବଳେଇ ପଡୁଥାଏ ସ୍ୱାମୀ ସ୍ତ୍ରୀଙ୍କର।

ସେଦିନ ରାତିରେ ଖିଆପିଆ ସାରି ଶୋଉଶୋଉ ଡେରି ହୋଇଗଲା । ହରି ବେଶ୍ କ୍ଳାନ୍ତ ଅବସ ଅନୁଭବ କରୁଥିଲା। ତେଣୁ ଶେଯରେ ପଡୁପଡୁ ନିଦ ହୋଇଗଲା । ହେଲେ ପ୍ରିୟା ଆଖିରେ ନିଦ ନଥାଏ। ଭାବୁଥାଏ ବିଗତ ଦିନର କଥା ସବୁ। ହରିଅନ୍ତାରୁ 'ନିଗମ ନଗର', ହୋଟେଲ୍‌ରୁ ହଷ୍ଟେଲ , ଜିମ୍ନାସିୟମରୁ ବିୟୁଟି ପାର୍ଲର। କେତେ ସହଜ ସରଳ ଆଉ ସୁନ୍ଦର ଥିଲା ସେମାନଙ୍କ ଜୀବନ। କୁଆଡୁ ଆସିଲା ଏ କରୋନା, ତା ଜୀବନକୁ ହାହାକାରମୟ କରିଦେଲା। ଅସରନ୍ତି ଭାବନା ଭିତରେ, ଏମିତି ହଜିଯାଇଥିଲା ଯେ ସେ ଯେତେ ଚେଷ୍ଟା କଲେବି ଶୋଇ ପାରୁନଥିଲା।

ରାତି ପାହିଲା। ଚଡେଇମାନେ କିଚିରି ମିଚିରି କରିବା ଆରମ୍ଭ କରିଦେଲେ। ଆଖି ମଳିମଳି ହରି ଶେଯରୁ ଉଠିଲା । ପାଖରେ ପ୍ରିୟା ନଥିଲା। ହରି ଭାବିଲା ସିଏ ବୋଧେ ଆଗରୁ ଉଠିପଡି ବାଲକୋନିରେ ବସିଛି ନା କଣ। ଏଇଟା ତାର ପୂରୁଣା ଅଭ୍ୟାସ ।

ହେଲେ ଇଏ କଣ। ହରିର ପାଦତଳ ମାଟି ଧସେଇ ଗଲା। ଡ୍ରଇଂରୁମ୍ ଫ୍ୟାନ୍‌ରେ ଝୁଲୁଥିଲା ପ୍ରିୟାର ଶରୀର । ସବୁ ଶେଷ ହୋଇଗଲା। କରୋନା ଛଡେଇନେଲା ସୁଖ ଶାନ୍ତି, ଶେଷରେ ନିଜ ମଣିଷ ମାନଙ୍କୁ। ହରି ଏବେ ହାରିଗଲା । ସୁସ୍ଥ ସବଳ ଲୋକଟା ହଠାତ୍ ପାଲଟିଗଲା ପାଗଳ। ପୁରା ପାଗଳ। ଯେଉଁଠି ପାରୁଛି ସେଠି ଶୋଇପଡୁଛି। କାହା ସହିତ କିଛି କଥା ହେଉନି। କଣ ଖାଉଛି କି ଭୋକିଲା ଅଛି, ବୁଝିବାକୁ କେହି ନାହାଁନ୍ତି। ଆଉ ଆଜି ତା ଅତି ପ୍ରିୟ ହରିପ୍ରିୟା ହୋଟେଲ୍ ବାରଣ୍ଡାରେ ସେ ଶୋଇଯାଇଛି ସବୁଦିନ ପାଇ। ହରିଅନ୍ତାର ହରି ହୋତା, ହରିପ୍ରିୟା ହୋଟେଲ, ହରିପ୍ରିୟା ହଷ୍ଟେଲ, ହରିପ୍ରିୟା ଜିମ୍ନାସିୟମ ଓ ବିୟୁଟି ପାର୍ଲରର ମାଲିକ ହରି ହୋତା।

ଧରା ଅମୃତ

ବିଜୟଲକ୍ଷ୍ମୀ ପାଣିଗ୍ରାହି

ଆହା ! କି ସୁନ୍ଦର ଥିଲା ସେ ଅଭିଆଡ଼ି ଜୀବନଟା ! ନା ଥିଲା ଗୃହ ଜଞ୍ଜାଳ ନା ଘରକରଣା। ମୁକ୍ତାକାଶର ବିହଙ୍ଗ ପରି ନୀଳାକାଶକୁ ପିଇ ଯିବାର ଜିଦ, ପ୍ରଜାପତିର ଚଂଚଳତା, ଇନ୍ଦ୍ରଧନୁର ରଙ୍ଗୀନ ଅଭିସାରର ପୁଲକ ସବୁକିଛି ଜୀବନକୁ ଚଳଚଂଚଳ କରି ରଖିଥିଲା। ଫ୍ୟାସନ ଡ଼ିଜାଇନିଂ କୋର୍ସ କରିବା ପରେ ଶାରୀରିକ ସୌନ୍ଦର୍ଯ୍ୟ ପ୍ରତି ଖୁବ ଯତ୍ନଶୀଳା ହୋଇ ଉଠିଥିଲା ନୈନା। ହଁ କର୍ମ ପ୍ରତି ଥିବା ପ୍ରଗାଢ ସ୍ନେହ ତା ଚଳାପଥକୁ କୁସୁମିତ କରିଥିଲା। ଗାଁର ତନୁ ପାତଳୀ ଶ୍ୟାମଳୀ ନୟନା ଆଜି ସହରର ସୁନ୍ଦରୀ ନୈନା। ଖାଲି ରୂପରେ ନୁହେଁ ବରଂ ଗୁଣର ମହକରେ ମଧ୍ୟ ସମସ୍ତଙ୍କୁ ଆକର୍ଷିତ କରିପାରିଛି। ସେଇଥିପାଇଁ ତ, ତା ଚାରି ପାଖରେ ଆଜି ଭଅଁର ମାନଙ୍କର ଲୀଳାଖେଳା ବଢିଛି।

ଝିଅଟିର କର୍ମ ତତ୍ପରତା ଦେଖି ସହରରେ ରହୁଥିବା ମାମୁ ସେଦିନ ଗାଁକୁ ଆସିଥିଲେ। କଲେଜ ପଢ଼ା ପରେ ଭଉଣୀର ପ୍ରସ୍ତାବ ଯୋଗାଡ଼ ଦେଖି ସେ ଭାଣଜୀକୁ ନିଜ ପାଖକୁ ନେଇ ଯିବା ପାଇଁ ପ୍ରସ୍ତାବ ଦେଲେ। ଭିଣୋଇ ଚାଲିଯିବା ପରେ ଭଉଣୀର ଆଉ କିଏ ବା ସାହା ? ଦୂର ସହରରେ ରହୁଥିବା ହେତୁ ସବୁବେଳେ ଭାଉଣୀର ସୁଖ ଦୁଃଖର ଭାଗୀ ହୋଇପାରୁ ନାହାନ୍ତି। ନିଜର ଝିଅ ନ ଥିବା ହେତୁ କି କଣ କେଜାଣି ଭାଣଜୀ ପ୍ରତି ଖୁବ୍ ସ୍ନେହ ମାମୁ ମାଇଁଙ୍କର। ପୁଅ ବିଦେଶରେ ପଢିବାଠାରୁ ଘରଟା ଖାଁ ଖାଁ ଲାଗୁଛି । ନୟନାର ମଧ୍ୟ ମାଇଁ ପାଖରେ ସବୁ ଅଝାଟିଆମୀ। ସେଥିପାଇଁ ଘର ଛାଡ଼ି ଆସିବା ଦୁଃଖ କଣ ସେ ଜାଣି ପାରିଲା ନାହିଁ। ଘରୁ ଆସିଲା ବେଳେ ମା' କହିଥିଲା, 'ଦେଖ ନୟନା, ସହରକୁ ଯାଉଛୁ। ମାମୁ ମାଇଁଙ୍କୁ ନିନ୍ଦା ଦେବୁନି। ଝିଅ ପିଲା ମାଟିରେ ଚାଲୁ କି ଆକାଶରେ ଉଡୁ, ଥରେ ଯଦି ଇଜ୍ଜତ ଗଲା ତେବେ ସେ ମାଟି ଖପରା।'

କଥା ପଦକକୁ ନୟନା କାନିରେ ସାତ ଗଣ୍ଠି କରି ବାନ୍ଧି ରଖିଛି ସତ, ହେଲେ ଡହଡହ ଆଖି ଗୁଡିକ ମଧ୍ୟରେ ଅନେକ ଥର ତାକୁ ଶିଝିବାକୁ ହେଉଛି। ଶରୀରର ସୌନ୍ଦର୍ଯ୍ୟ ବଢ଼ାଇବା ତ ଏକ କଳା। ଆଉ ଏହି ଦିଗରେ ନୈନା ଯେ ଏକ କୁଶଳୀ କାରିଗର।

ସେଦିନ ରାସ୍ତାରେ ଫେରିବା ସମୟରେ କିଛି ନାରୀ ଦେହ ଲୋଭୀଙ୍କ ଉପଦ୍ରବରୁ ନିଜକୁ ରକ୍ଷା କରିବାକୁ ଯାଇ ବାନ୍ଧବୀ ସିପ୍ରାର ବଡ ଭାଇ ସୁଦୀପ୍ତଙ

ସ୍ୱାସ୍ଥ୍ୟ ସେବାକୁ ମୌଳିକ ଅଧିକାର ପରିସରଭୁକ୍ତ କର : କଂଗ୍ରେସ

ଭୁବନେଶ୍ୱର,୮/୮ (ନି.ପ୍ର): ସଂବିଧାନର ସପ୍ତମ ଅନୁସୂଚୀ ଅନୁସାରେ ସ୍ୱାସ୍ଥ୍ୟ ହେଉଛି ରାଜ୍ୟ ତାଲିକାଭୁକ୍ତ ବିଷୟ। ଧାରା ୪୭ କହେଯେ ଜନସ୍ୱାସ୍ଥ୍ୟର ମାନବୃଦ୍ଧି ହେଉଛି ସରକାରଙ୍କ ଦାୟିତ୍ୱ। କିନ୍ତୁ ଦୁର୍ଭାଗ୍ୟ ଯେ ରାଜ୍ୟ ସରକାରଙ୍କ ଏଥିପ୍ରତି ଯଥୋଚିତ ଦୃଷ୍ଟି ନାହିଁ। ରାଜ୍ୟର ବିଜେଡ଼ି ସରାର ନିଜ ଦଳର ସ୍ୱାସ୍ଥ୍ୟ ପ୍ରତି ସଚେତନ କିନ୍ତୁ ଜନ ସ୍ୱାସ୍ଥ୍ୟପ୍ରତି ଉଦାସୀନ। ଫଳତଃ ରାଜ୍ୟବାସୀ ଅବହେଳିତ ହେଉଛନ୍ତି। ଅର୍ଥାଭାବରୁ ଉତମ ଚିକିତ୍ସାରୁ ବଂଚିତ ହୋଇ ବହୁ ଯନ୍ତ୍ରଣା ଭୋଗୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଗଣେଶ୍ୱର ବେହେରା କହିଛନ୍ତି ଯେ ସ୍ୱାସ୍ଥ୍ୟପ୍ରତି ଅବହେଳା ଅପରାଧିକ ଅବହେଳା। ରାଜ୍ୟ ସରକାର ଖାଲି ପଡ଼ିଥିବା ୨୩୬୬ ଡାକ୍ତର ପଦବୀ, ସରକାରୀ ମେଡିକାଲ କଲେଜ ମାନଙ୍କରେ ୨୦୨ ପ୍ରଫେସର, ସହଯୋଗୀ ପ୍ରଫେସର ଓ ସହାୟକ ପ୍ରଫେସର ପଦବୀ ପୂରଣ କରିପାରି ନାହାନ୍ତି। ଏଥି ସହିତ ପାରାମେଡିକାଲ ଷ୍ଟାଫ ମାନଙ୍କ କ୍ଷେତ୍ରରେ ମଧ୍ୟ ଖାଲିସ୍ଥାନ ପଡ଼ିରହିଛି। ସରକାର ୨୦୨୦-୨୧ ଅର୍ଥନୈତିକ ସର୍ତରେ ଘୋଷଣା କଲେ ଯେ ଅଧିକ ସଂଖ୍ୟକ ମେଡିକାଲ କଲେଜମାନ ଖୋଲିବୁ ଓ ଡାକ୍ତର ଅଭାବଜନିତ ସମସ୍ୟାର ଅନ୍ତ ଘଟାଇବୁ। କିନ୍ତୁ ଅପରପକ୍ଷରେ କେନ୍ଦ୍ରାପଡ଼ାରେ ମାଟିପାଇଁ ପାଟି ଖୋଲି ଆନ୍ଦୋଳନ କରି କଂଗ୍ରେସ ମେଡିକାଲ କଲେଜଟିଏ ସ୍ଥାପନ ନିମନ୍ତେ ଦାବି କରିଚାଲିଥିଲେ ମଧ୍ୟ ଶୁଣାଯାଉ ନାହିଁ। ଭଦ୍ରକ ଓ ରାୟଗଡ଼ା ଠାରେ ମଧ୍ୟ ମେଡିକାଲ କଲେଜ ଆନ୍ଦୋଳନ ଜୋରଦାର ହେଉଛି। ସରକାର ମୌନବ୍ରତରେ ଅଛନ୍ତି। ସୁନ୍ଦରଗଡ଼ ଭଳି ରାଜ୍ୟ ସରକାର ପ୍ରତିଷ୍ଠା କରିଥିବା ମେଡିକାଲ ନାହିଁ ନାହିଁରେ ଚାଲିଥିବାରୁ ଜିଲ୍ଲାବାସୀ ଆବଶ୍ୟକୀୟ ସୁବିଧା ଯୋଗାଇ ଦେବାପାଇଁ ରାସ୍ତାକୁ ଓହ୍ଲାଇଛନ୍ତି। ଆଜି ପର୍ଯ୍ୟନ୍ତ ଜିଲ୍ଲା ସଦର ମହକୁମା ହସ୍‌ପିଟାଲରେ ଆସିୟୁର ବ୍ୟବସ୍ଥା ନାହିଁ। ସବ୍‌ଡିଭିଜନ ସ୍ତରୀୟ ଓ ବ୍ଲକ ସ୍ତରୀୟ ସିଏଚସି ଓ ପିଏଚସି ମାନଙ୍କରେ ରୋଗ ନିରୂପଣ ବ୍ୟବସ୍ଥା ନାହିଁ। ଯାହା ଫଳରେ ରୋଗରେ ପଡ଼ି ଲୋକେ ବେସରକାରୀ ମେଡିକାଲ ଯିବାକୁ ବାଧ ହେଉଛନ୍ତି। କ୍ଲିନିକାଲ ଏଷ୍ଟାବ୍ଲିସ ମେଂଟ ଆଇନ ୨୦୧୦ ଓ ରାଜ୍ୟର ନିଜସ୍ୱ ୧୯୯୦ ଆଇନ ଅନୁସାରେ ସରକାରଙ୍କ ସଂପୂର୍ଣ୍ଣ କ୍ଷମତା ଥାଇ ମଧ୍ୟ ଏହାର ପ୍ରୟୋଗ ହେଉନଥିବା କ୍ଷୋଭର ବିଷୟ। ବିଶ୍ୱସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବ୍ୟବସ୍ଥା ମୁତାବକ ପ୍ରତ୍ୟେକ ପୁରୁଷଙ୍କ ପାଇଁ ୫ଲକ୍ଷ ଓ ମହିଳାଙ୍କ ପାଇଁ ୧୦ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ବ୍ୟବସ୍ଥା ଲୋକଙ୍କୁ ସହାୟକ ହେଉନାହିଁ। ବେସରକାରୀ ମେଡିକାଲ ମାନେ ଚିକିତ୍ସା ବାବଦ ଖର୍ଚ୍ଚର ସର୍ବାଧିକ ୬୦ ପ୍ରତିଶତ ବିଶ୍ୱକଲ୍ୟାଣ ପାଣ୍ଠିରୁ ଭରଣା କରୁଛନ୍ତି ଓ ଅବଶିଷ୍ଟ ୪୦ ପ୍ରତିଶତ ଲୋକଙ୍କ ଠାରୁ ଜୁଲମକରି ନେଉଛନ୍ତି। ଫଳତଃ ଯୋଜନା ଉପହାସିତ ହେଉଛି ଓ ହିତାଧିକାରୀ ଶୋଷିତ ହେଉଛି। ଏହା ମାରାତ୍ମକ ଅବହେଳା ନୁହେଁ ତ ଆଉ କ'ଣ ? ଶ୍ରୀ ବେହେରା ଉଦ୍‌ବେଗଜନକ ସ୍ୱାସ୍ଥ୍ୟ ସମସ୍ୟାର ସ୍ଥାୟୀ ସମାଧାନ କ୍ଷେତ୍ରରେ ୧୫ତମ ଅର୍ଥକମିଶନଙ୍କ ସୁପାରିଶ ମୁତାବକ ସ୍ୱାସ୍ଥ୍ୟ ସେବାକୁ ମୌଳିକ ଅଧିକାର ଯୁକ୍ତ କରିବା ପାଇଁ ମତ ରଖିଥିଲେ ଓ ଏଥିନିମେନ୍ତ ଆଗାମୀ ବିଧାନସଭା ଅଧିବେସନରେ ଏ ସଂକ୍ରାନ୍ତ ପ୍ରସ୍ତାବ ପାରିତ କରିବାକୁ ସରକାରଙ୍କୁ ଆହ୍ୱାନ ଦେଇଛନ୍ତି । ଏଥି ସହ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନର ସମ୍ପ୍ରସାରଣ ସହ ବେସରକାରୀ ମେଡିକାଲ ସଂସ୍ଥାମାନଙ୍କ ଶୋଷଣ ରାଜ୍ୟବାସୀଙ୍କୁ ମୁକ୍ତି ଦେବାକୁ ସେ ଦାବି କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ମନୋରଞ୍ଜନ ଦାଶ, ମୁଖପାତ୍ର ପ୍ରଶାନ୍ତ ଶତପଥି ଓ ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ।

ମୁଖ୍ୟ ଶାସନ ସଚିବ ଓ ୫-ଟି ସଚିବଙ୍କ ସୁନ୍ଦରଗଡ ଗସ୍ତ

ଭୁବନେଶ୍ୱର,୮/୮ (ନି.ପ୍ର): ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ୍, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ଶ୍ରୀମତୀ ଶାଳିନୀ ପଣ୍ଡିତ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଆର. ଭିଲିନ୍ କ୍ରିଷ୍ଣା ଶନିବାର ସୁନ୍ଦରଗଡ ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନମୁଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଏହି ସଚିବ ସ୍ତରୀୟ ପ୍ରତିନିଧି ଦଳ କୁନ୍ଦୁକେଲାସ୍ଥିତ ୩୩/୧୧ କେଭି ବିଦ୍ୟୁତ ଗ୍ରୀଡ ସବ୍‌ଷ୍ଟେସନ, ଭେଡାବାହାଲ କୋଲ୍ କରିଡର, ଭବାନୀପୁର ଠାରେ ଆଧୁନିକ ବାଲା ମଡେଲରେ ନିର୍ମିତ ଅଙ୍ଗନବାଡୀ କେନ୍ଦ୍ର ଏବଂ କିଂଜିରିମା ସରକାରୀ ହାଇସ୍କୁଲର ରୂପାନ୍ତରଣ କାର୍ଯ୍ୟ ବୁଲି ଦେଖିଥିଲେ। ଏହାସହିତ ଶିକ୍ଷା, ମହିଳା ଓ ଶିଶୁବିକାଶ, ପୋଷଣ, ଜୀବିକା, ସଂଯୋଗୀକରଣ, ପାନୀୟ ଜଳ, କୃଷି ଓ ଜଳସେଚନ ଆଦି ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ମଧ୍ୟ ସମୀକ୍ଷା କରିଥିଲେ ।

ଏଥିସହ କୋଭିଡ ମହାମାରୀର ସମ୍ଭାବ୍ୟ ତୃତୀୟ ଲହରର ମୁକାବିଲା ଲାଗି ସ୍ୱାସ୍ଥ୍ୟ ଭିତିଭୂମିର ପ୍ରସ୍ତୁତି ଏବଂ ବିଶେଷ କରି ଶିଶୁମାନଙ୍କ ଚିକିତ୍ସା ଲାଗି ଆଇସିୟୁ ତଥା ଆବଶ୍ୟକୀୟ ବ୍ୟବସ୍ଥା ସଂପର୍କରେ ସୁନ୍ଦରଗଡସ୍ଥିତ ଏନଟିପିସି କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଅନୁଧ୍ୟାନ କରିଥିଲେ । ଏତଦ୍ ବ୍ୟତୀତ ଜିଲ୍ଲାରେ କ୍ରୀଡା ଭିତିଭୂମି ସଂପର୍କରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା। ରାଜ୍ୟ ସରକାରଙ୍କର ୫-ଟି କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲାର ୫୦ଟି ସରକାରୀ ହାଇସ୍କୁଲର ରୂପାନ୍ତର କାମ ଅକ୍ଟୋବର ସୁଦ୍ଧା କରାଯିବ ବୋଲି ନିଷ୍ପତି ହୋଇଛି । ୫୦ଟି ହାଇସ୍କୁଲ ମଧ୍ୟରୁ ଏହି ସଚିବସ୍ତରୀୟ ଦଳ କିଞ୍ଜିରିମା ସରକାରୀ ହାଇସ୍କୁଲ ବୁଲି ଦେଖିଥିଲେ। ସେମାନେ ସ୍ମାର୍ଟକ୍ଲାସରେ ବସି ଷ୍ଟୁଡିଓରେ ଥିବା ଶିକ୍ଷୟତ୍ରୀ ଏବଂ ଅନ୍ୟ ଏକ କକ୍ଷରେ ବସି ପଢୁଥିବା ଛାତ୍ରଛାତ୍ରୀଙ୍କ ସହ ଭର୍ଚୁଆଲ ମାଧ୍ୟମରେ କଥାବାର୍ତା କରିଥିଲେ । ସୁନ୍ଦରଗଡ ସଦରର ଭବାନୀପୁରରେ ବାଲା ମଡେଲରେ ନିର୍ମିତ ଆଧୁନିକ ଅଙ୍ଗନବାଡୀ କେନ୍ଦ୍ର ମଧ୍ୟ ସେମାନେ ପରିଦର୍ଶନ କରିଥିଲେ। ଛୋଟ ଛୋଟ ପିଲାଙ୍କ ଶିକ୍ଷାକୁ ଆନନ୍ଦମୟ କରିବାପାଇଁ ବାଲା ମଡେଲରେ ସଂପୂର୍ଣ୍ଣ ନୂଆ ଢାଂଚାରେ ଅଙ୍ଗନବାଡୀ କେନ୍ଦ୍ର ତିଆରି କରାଯାଇଛି। ଏହାର ଆସବାପତ୍ର ଓ କାନ୍ଥବାଡ ଠାରୁ ଆରମ୍ଭ କରି ସଂପୂର୍ଣ୍ଣ ପରିବେଶ ପିଲାଙ୍କ ଶିକ୍ଷା ପାଇଁ ଆକର୍ଷଣୀୟ କରାଯାଇଛି। ସୁନ୍ଦରଗଡ ଜିଲ୍ଲାରେ ଥିବା ସମସ୍ତ ଅଙ୍ଗନବାଡୀ କେନ୍ଦ୍ର ସହିତ ନୂଆ ଅଙ୍ଗନବାଡୀ କେନ୍ଦ୍ର ଗୁଡିକୁ ଏହିବାଲା ମଡେଲରେ ନିର୍ମାଣ କରାଯାଉଛି। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡର ଜିଲ୍ଲାପାଳ, ଜିଲ୍ଲାର ଏସ୍.ପି ଓ ଜିଲ୍ଲା ଗ୍ରାମ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ ।

ନବନିର୍ମାଣ କୃଷକ ସଂଗଠନର ସାଧାରଣ ପରିଷଦ ବୈଠକ

ଭୁବନେଶ୍ୱର,୮/୮ (ନି.ପ୍ର): ଉତ୍କଳ ସାମ୍ବାଦିକ ଭବନରେ ନବନିର୍ମାଣ କୃଷକ ସଂଗଠନର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ ନେତାମାନେ। କେନ୍ଦ୍ର ଓ ରାଜ୍ୟର କ୍ଷମତାସୀନ ଦୁଇଦଳ ଲୋକଙ୍କ କାମ ନକରି ଆନ୍ଦୋଳନ କରିବା ହାସ୍ୟାସ୍ପଦ ବୋଲି ରାଜ୍ୟ ସହସଂଯୋଜକ ଉମାକାନ୍ତ ଭାରତ କହିଥିଲେ। ରାଜ୍ୟରେ ଗୋଟିଏ ନିର୍ଦ୍ଦିଷ୍ଟ ଦଳ ୨୦ବର୍ଷରୁ ଉର୍ଦ୍ଧ୍ୱ କ୍ଷମତାରେ ରହିଲେ ବି ଜଳସେଚନ କ୍ଷେତ୍ରରେ ସରକାର ଘୋର ଅବହେଳା କରିଛନ୍ତି। ଜୁନ୍ ମାସ ଠାରୁ ଜୁଲାଇରେ କମ୍ ବର୍ଷା ହେବ ବୋଲି ସରକାର ଜାଣିଥିଲେ ବି ମରୁଡ଼ି ଏଡ଼ାଇବାକୁ ଆଦୌ ଉଦ୍ୟମ କଲେନାହିଁ।

ଖେଳରତ୍ନ ପୁରସ୍କାରର ନାମ ବଦଳାଇବା ମୋଦିଙ୍କ ଅସହିଷ୍ଣୁତାର ପରିଚୟ: କଂଗ୍ରେସ

ଭୁବନେଶ୍ୱର,୮/୮ (ନି.ପ୍ର): ଭାରତ ବର୍ଷର ସର୍ବଶ୍ରେଷ୍ଠ ପୁରସ୍କାର ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାରରୁ ରାଜୀବ ଗାନ୍ଧୀଙ୍କ ନାମ କାଟିବା ଅତ୍ୟନ୍ତ ଦୁର୍ଭାଗ୍ୟ ଏବଂ ମୋଦି ସରକାରର ଅସହିଷ୍ଣୁତା ବୋଲି କଂଗ୍ରେସ କହିଛି। ଭାରତବର୍ଷରେ ନୂଆ କିଛି କରିବାର ଦକ୍ଷତା ରଖିନଥିବା ବିଜେପି ସରକାର କଂଗ୍ରେସ କରିଥିବା ସମସ୍ତ ଯୋଜନାର ନାମ ପରିବର୍ତନ କରିବାରେ ବ୍ୟସ୍ତ ରହୁଛନ୍ତି। ଖେଳ ପୁରସ୍କାରରୁ ରାଜୀବ ଗାନ୍ଧୀଙ୍କ ନାମ ହଟେଇଦେଲେ ଭାରତବର୍ଷରୁ ରାଜୀବ ଗାନ୍ଧୀଙ୍କ ବିଚାରଧାରାକୁ ପରିବର୍ତନ କରିପାରିବେ ନାହିଁ। ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ରକ୍ତ ଭାରତ ବର୍ଷର ମାଟି, ପାଣି ଓ ପବନରେ ପ୍ରବାହିତ ହେଉଛି ଏବଂ ସେ ହେଉଛନ୍ତି ଆଧୁନିକ ଭାରତ ବର୍ଷର ନିର୍ମାତା ଏବଂ ବର୍ତମାନ ଯୁବ ଶକ୍ତିର ଆଦର୍ଶ ଓ ପ୍ରାଣଦାତା। ଏହି ଅବସରରେ କଂଗ୍ରେସ ଭବନରେ ପିସିସି ମିଡିଆ ସେଲ ପକ୍ଷରୁ ଏକ ଜରୁରୀ ବୈଠକରେ ଏହି ହୀନ ରାଜନୀତିକୁ ନେଇ ମୋଦି ସରକାରର ଦୃଢ଼ ନିନ୍ଦା କରାଯାଇଛି। ପିସିସି ମିଡିଆ ସେଲର ଅଧ୍ୟକ୍ଷ ଗଣେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅବାହକ ସତ୍ୟପ୍ରକାଶ ନାୟକ, ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ଅଭିଷେକ ମହାନନ୍ଦ, ବିଧାୟକ ତଥା ମୁଖପାତ୍ର ଅଧିରାଜ ମୋହନ ପାଣିଗ୍ରାହୀ, ବିଜୟଲକ୍ଷ୍ମୀ ସାହୁ, ଦେବାଶିଷ ପଟ୍ଟନାୟକ ସମେତ ସାମାଜିକ ଗଣମାଧ୍ୟମର ରାଜ୍ୟ ସାଧାରଣ ସଂପାଦକ ଚନ୍ଦନ ରାୟ, ସୁବାଷ ଚନ୍ଦ୍ର ନାୟକ, ବିନୋଦ ବିହାରୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

ଭୁବନେଶ୍ୱରରେ ଧର୍ମାନୁଷ୍ଠାନ ଖୋଲିବା ନେଇ ବିଏମସିର ବୈଠକ

ଭୁବନେଶ୍ୱର,୮/୮ (ନି.ପ୍ର): କୋଭିଡ୍ କଟକଣା କୋହଳ ହେବା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ଧର୍ମାନୁଷ୍ଠାନ ଗୁଡିକ ଖୋଲାଯାଉଛି। ତେବେ ଭୁବନେଶ୍ୱରରେ ଧର୍ମାନୁଷ୍ଠାନ ଖୋଲିବା ନେଇ କୌଣସି ନିଷ୍ପତି ହୋଇନଥିବାବେଳେ ବେଳେ ଆଜି ଏନେଇ ବିଏମସିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଏମସି କମିସନର ସଞ୍ଜୟ ସିଂହଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ଧର୍ମାନୁଷ୍ଠାନ ଖୋଲିବା ପାଇଁ ବୈଠକ ବସିଥିଲା। ଏଥିରେ ବିଭିନ୍ନ ଧାର୍ମିକ ଅନୁଷ୍ଠାନର କର୍ମକର୍ତାଙ୍କ ସମେତ ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟ ଓ ବିଭିନ୍ନ ନିଯୋଗ କର୍ମକର୍ତା ଭର୍ଚୁଆଲ ମାଧ୍ୟମରେ ଯୋଗ ଦେଇଥିଲେ। ଏହି ବୈଠକରେ ମନ୍ଦିର ଓ ଅନ୍ୟ ଧାର୍ମିକ ଅନୁଷ୍ଠାନ ଖୋଲିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଆସନ୍ତା ୨୩ ତାରିଖରେ ଧର୍ମାନୁଷ୍ଠାନ ଖୋଲିବା ପାଇଁ ସମସ୍ତେ ପ୍ରସ୍ତାବ ଦେଇଥିଲେ ବୋଲି ଶ୍ରୀ ସିଂହ କହିଛନ୍ତି। ତେବେ ଏ ନେଇ ଏକ ଆଭ୍ୟନ୍ତରୀଣ ବୈଠକ ବସିବ ଏବଂ ଧର୍ମାନୁଷ୍ଠାନ ଖୋଲିବା ନେଇ ଦୁଇଟି ଦିଗକୁ ଗୁରୁତ୍ୱ ଦିଆଯିବ। କୋଭିଡ ସ୍ଥିତି ଓ ଆଜିର ବୈଠକର ମତାମତ ଆଧାରରେ ଧର୍ମାନୁଷ୍ଠାନ ଖୋଲିବା ନେଇ ନିଷ୍ପତି ନିଆଯିବ ବୋଲି ବିଏମସି କମିସନର୍ ସଞ୍ଜୟ ସିଂହ କହିଛନ୍ତି।

ଓଡ଼ିଶାରେ ପଛୁଆବର୍ଗଙ୍କ ପାଇଁ ୨୭ଭାଗ ସ୍ଥାନ ସଂରକ୍ଷଣ କରାଯାଉ : ସମାଜବାଦୀ ପାର୍ଟି

ଭୁବନେଶ୍ୱର,୮/୮ (ନି.ପ୍ର): 'ସାମାଜିକ ନ୍ୟାୟ ଦିବସ' ପାଳନ ପରିପ୍ରେକ୍ଷୀରେ ରାଜ୍ୟରେ ପଛୁଆବର୍ଗଙ୍କ ନିମିତ ଚାକିରୀ ଓ ନାମଲେଖା କ୍ଷେତ୍ରରେ ୨୭ଭାଗ ସ୍ଥାନ ସଂରକ୍ଷଣ ଦାବିରେ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ୧୯୯୦ ମସିହା ଅଗଷ୍ଟ ୭ ତାରିଖ ଦିନ କେନ୍ଦ୍ର ସରକାର ଦେଶର ଓ.ବି.ସି.ଙ୍କ ପାଇଁ ସରକାରୀ ଚାକିରୀରେ ୨୭ଭାଗ ସ୍ଥାନ ସଂରକ୍ଷଣ ପ୍ରଦାନ କଲେ। ଏହାକୁ ସୁପ୍ରିମକୋର୍ଟ 'ଇନ୍ଦ୍ର ସାହାଣୀ' ମୋକଦ୍ଦମାରେ ବୈଧ ଘୋଷଣା କରିବା ସହିତ ବିଶେଷ ପରିସ୍ଥିତିରେ ୫୦ଭାଗରୁ ଅଧିକ ସଂରକ୍ଷଣ ଦିଆଯାଇ ପାରିବ ବୋଲି ମତାମତ ଦେଇଥିଲେ। ପରବର୍ତୀ ପର୍ଯ୍ୟାୟରେ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ଯଥା ଆଇଆଇଟି, ଆଇଆଇଏମ୍ ଏବଂ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ନାମ ଲେଖା କ୍ଷେତ୍ରରେ ଓବିସି ପିଲାଙ୍କୁ ୨୦୦୬-୦୭ ମସିହାରୁ ୨୭ ଭାଗ ସ୍ଥାନ ସଂରକ୍ଷଣ ଦିଆଯାଉଅଛି। କିନ୍ତୁ ଓଡ଼ିଶାରେ ଓବିସି ଛାତ୍ରଛାତ୍ରୀମାନଙ୍କ ପାଇଁ ନିଯୁକ୍ତି କ୍ଷେତ୍ରରେ ମାତ୍ର ୧୧.୨୫ଭାଗ ସଂରକ୍ଷଣ ଦିଆଯିବା ସହିତ ମେଡ଼ିକାଲ, ଇଞ୍ଜିନିୟରିଂ ଓ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ନାମ ଲେଖାରେ ଆଦୌ ସଂରକ୍ଷଣ ଦିଆଯାଉ ନାହିଁ। ଏହା ଫଳରେ ଓବିସି ବର୍ଗର ବହୁ ଛାତ୍ରଛାତ୍ରୀ ନିଯୁକ୍ତିରୁ ବଂଚିତ ହେବା ସହିତ ଉଚ୍ଚଶିକ୍ଷା ପାଇବାରୁ ମଧ୍ୟ ବଂଚିତ ହେଉଛନ୍ତି ବୋଲି ଏହି ପ୍ରତିବାଦ ସମାରୋହରେ ଯୋଗଦେଇ ପାର୍ଟିର ରାଜ୍ୟ ସଭାପତି ରବି ବେହେରା ପ୍ରକାଶ କରିଛନ୍ତି। ତେଣୁ ଏହି ପରିପ୍ରେକ୍ଷୀରେ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ସାମାଜିକ ନ୍ୟାୟ ଦିବସ ପାଳନ ଅବସରରେ ରାଜ୍ୟର ଓବିସି ବର୍ଗଙ୍କୁ ଚାକିରୀ ଓ ନାମଲେଖାରେ ୨୭ଭାଗ ସ୍ଥାନ ସଂରକ୍ଷଣ ପାଇଁ ପାର୍ଟି ପକ୍ଷରୁ ଦାବି କରାଯାଇଛି। ଜାତିଗତ ଜନଗଣନା ଲାଗୁ କରାଗଲେ ରାଜ୍ୟର ଦଳିତ, ଆଦିବାସୀ ଓ ପଛୁଆବର୍ଗର ଜନସାଧାରଣ ଯୋଜନାର ସୁଫଳ ପାଇବା ସହିତ ସଂରକ୍ଷଣର ସୁବିଧା ସୁଯୋଗ ମଧ୍ୟ ପାଇପାରିବେ। ୨୦୦୯ ମସିହାରୁ କେନ୍ଦ୍ର ସରକାର ଜାତିଗତ ଜନଗଣନା ନେଇ ପଦକ୍ଷେପ ନେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା ଲାଗୁ କରାଗଲା ନାହିଁ। ୨୦୧୯ ମସିହାରେ ତତ୍କାଳୀନ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ ପାର୍ଲାମେଂଟକୁ ପ୍ରତିଶ୍ରୁତି ଦେଇଥିଲେ ଯେ, ୨୦୨୧ ଜାତୀୟ ଜନଗଣନାରେ ଜାତିଗତ ଜନଗଣନାକୁ ସ୍ଥାନିତ କରାଯିବ। ଖୋଦ୍ ଓଡ଼ିଶା ସରକାର ଜାତିଗତ ଜନଗଣନା ପାଇଁ କରିଥିବା ଦାବିକୁ କେନ୍ଦ୍ର ସରକାର ପ୍ରତ୍ୟାଖାନ କରିଛନ୍ତି। ତେଣୁ ଓଡ଼ିଶା ସରକାର ଜାତିଗତ ଜନଗଣନା ପାଇଁ ନିଜସ୍ୱ ଉଦ୍ୟମରେ ପଦକ୍ଷେପ ନେବା ସହିତ ଭାରତ ସରକାରଙ୍କ ଉପରେ ଏଥିପାଇଁ ଚାପ ପ୍ରୟୋଗ କରିବାକୁ ଶ୍ରୀ ବେହେରା ଦାବି କରିଛନ୍ତି। ୨୦୦୮ ମସିହାରେ ଓଡ଼ିଶା ବିଧାନସଭା ସର୍ବସମ୍ମତ ଭାବରେ ପଛୁଆବର୍ଗଙ୍କ ପାଇଁ ୨୭ଭାଗ ସ୍ଥାନ ସଂରକ୍ଷଣକୁ ଲାଗୁ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରିଥିଲେ। ଏହାକୁ ଭାରତ ସମ୍ବିଧାନର ନବମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବା ନିମିତ କେନ୍ଦ୍ର ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯାଇଥିଲା। କିନ୍ତୁ ଆଜିକୁ ୧୩ ବର୍ଷ ହେଲା ତାହା ଶୀତଳ ଭଣ୍ଡାରରେ ପଡ଼ିରହିଛି। 'ମରାଠା ସଂରକ୍ଷଣ' ଉପରେ ସୁପ୍ରିମ କୋର୍ଟଙ୍କ ରାୟ ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ସମ୍ବିଧାନ ସଂଶୋଧନ କରିବା ପାଇଁ ସଂସଦରେ ପ୍ରସ୍ତାବ ଆଗତ କରିବାକୁ ଯାଉଛନ୍ତି। ତେଣୁ ଓଡ଼ିଶା ସରକାର ଓ ଆମ ରାଜ୍ୟର ସାଂସଦମାନେ ଓଡ଼ିଶା ସଂରକ୍ଷଣ ଆଇନ୍-୨୦୦୮କୁ ସମ୍ବିଧାନର ନବମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କ ଉପରେ ଚାପ ପ୍ରୟୋଗ କରିବାକୁ ସମାଜବାଦୀ ପାର୍ଟି ଦାବି କରୁଛି। ପାର୍ଟିର ରାଜ୍ୟ ସଭାପତି ଶ୍ରୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ପାର୍ଟିର ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ଅଖିଳ ଭାରତ ଯାଦବ ମହାସଭାର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଦାସ, ବରିଷ୍ଠ ସମାଜବାଦୀ ନେତା ବିଜୟ ବେହେରା, ଯୁବ ଜନସଭାର ସଭାପତି ସୁବ୍ରତ ଲେଙ୍କା, ଯୁବନେତା ଗଣେଶ୍ୱର ଦାସ, ନାରୀନେତ୍ରୀ ସୁଧାରାଣୀ ସାହୁ, ଛାତ୍ରନେତା ସୌମ୍ୟରଞ୍ଜନ ଦାସ ପ୍ରମୁଖ ଏହି ପ୍ରତିବାଦ ସମାରୋହରେ ଅଂଶଗ୍ରହଣ କରି ରାଜ୍ୟରେ ପଛୁଆବର୍ଗଙ୍କ ପାଇଁ ନିଯୁକ୍ତି ଓ ନାମଲେଖାରେ ୨୭ଭାଗ ସ୍ଥାନ ସଂରକ୍ଷଣ ପାଇଁ ଦାବି କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ

ଓଡ଼ିଆ ସାହିତ୍ୟର ଆଲୋକ-ସ୍ୱଭାବକବି...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଏହି ସମୟ ମଧ୍ୟରେ ବହୁ ବାଧାବିଘ୍ନର ସାମ୍ନା କରିବାକୁ ପଡ଼ିଥିଲା ଯାହା ତାଙ୍କ ଲେଖାରେ ସବୁ ବାରି ହୋଇପଡ଼େ। ପଶୁପକ୍ଷୀ, ଗଛ, ଲତା, ପ୍ରକୃତି କୁ ନେଇ ସେ ବିଭିନ୍ନ ରଚନା କରିଛନ୍ତି। ସେ ଦୁର୍ଦ୍ଦିନ ଭିତରେ ମଧ୍ୟ ସୁନ୍ଦର କାବ୍ୟ ଓ କବିତା ମାନ ରଚନା କରିଛନ୍ତି। ତାଙ୍କ କାବ୍ୟ ସାହିତ୍ୟ ମଧ୍ୟରେ ଇନ୍ଦୁମତୀ, ଉତ୍କଳ ଲକ୍ଷ୍ମୀ, କୀଚକ ବଧ, ତପସ୍ୱିନୀ, ପ୍ରଣୟ ବଲ୍ଲରୀ, ରସ ରତ୍ନାକର, ମହିମା, କବିତା କଲ୍ଲୋଳ, ଅଯୋଧ୍ୟା ଦୃଶ୍ୟ, ପଦ୍ମିନୀ ଗୁଡିକ ଆଜି ବି ପାଠକକୁ ଆକୃଷ୍ଟ କରେ । କବିତା କ୍ଷେତ୍ରରେ ଅହଲ୍ୟାସ୍ତବ, ଅର୍ଘ୍ୟଥାଳି, ଭକ୍ତି, ଅମୃତମୟ, ମଧୁମୟ,, ମାତୃଭୂମି, ଅର୍ପଣ, ଆଶ୍ରମେ ପ୍ରଭାତ, ଉତ୍କଳ-ଲକ୍ଷ୍ମୀ, ଖଦ୍ୟୋତର ଖେଦ, ସୂର୍ଯ୍ୟ ପ୍ରତି ଦୀପ, ଭାରତୀ ଭାବନା, ସୁଭାବ ଓ ସ୍ୱଭାବ, ଉତ୍କଳ ଭାରତୀଙ୍କ ଉକ୍ତି, ନର ଓ ମୟୂର, ଭରସା, ମଧୁପର ମଧୁଭିକ୍ଷା, ଧନପ୍ରତି, ବସନ୍ତ ବ୍ରତ ଗୁଡିକ ହେଉଛି ଅନ୍ୟତମ ଯାହା ଓଡ଼ିଆ ସାହିତ୍ୟ ପ୍ରତି ଅତୁଳନୀୟ ଅବଦାନ। ସ୍ୱଭାବ କବି ଗଙ୍ଗାଧର ମେହେର ଜଣେ ଅନନ୍ୟ ସ୍ରଷ୍ଟା କହିଲେ ଅତ୍ୟୁକ୍ତି ହେବନାହିଁ । ଓଡ଼ିଆ ଭାଷା ସାହିତ୍ୟର ଅନେକ କାଳଜୟୀ କବିତା ସେ ରଚନା କରିଛନ୍ତି ଯୁଗ ଯୁଗ ପାଇଁ । ତାଙ୍କ କାବ୍ୟ ମଧ୍ୟରେ ମଧ୍ୟରେ 'ତପସ୍ୱିନୀ' ଅନ୍ୟତମ। ତାଙ୍କର କବିତା ସବୁବେଳେ ପ୍ରକୃତିକୁ ନେଇ ରଚିତ ତଥା ବିଶେଷ କରି ଓଡ଼ିଆ ଭାଷା ପ୍ରତି ତାଙ୍କର ଅନୁରକ୍ତି ତାଙ୍କୁ ଚିରକାଳ ଅମର କରି ରଖିଛି। ୧୯୨୪ ମସିହାର ଅପ୍ରେଲ ମାସ ୪ ତାରିଖରେ ଚୈତ୍ର ଅମାବାସ୍ୟା ତିଥିରେ ସେ ୬୧ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ । ଓଡ଼ିଆ ସାହିତ୍ୟ ପ୍ରତି ତାଙ୍କର ଅବଦାନକୁ କେବେ ବି ଭୁଲି ହେବନାହିଁ।

୨୩ତମ ଚାନ୍ଦିପୁର ବେଳାଭୂମି ମହୋତ୍ସବର ପ୍ରସ୍ତୁତି ବୈଠକ

ବାଲେଶ୍ୱର,୦୮/୦୮ (ନି.ପ୍ର): ଚାନ୍ଦିପୁର ବେଳାଭୂମି ମହୋତ୍ସବ କମିଟିର ପ୍ରସ୍ତୁତି ବୈଠକ ସଭାପତି ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇ ନିମ୍ନଲିଖିତ ପ୍ରସ୍ତାବମାନ ସର୍ବସମ୍ମତି କ୍ରମେ ଗ୍ରହଣ କରାଗଲା । ସାଧାରଣ ସଂପାଦକ ହରେକୃଷ୍ଣ ଦାସଙ୍କ ପ୍ରସ୍ତାବକ୍ରମେ ଅନୁଷ୍ଠିତ ହୋଇନଥିବା ୨୩ତମ ଚାନ୍ଦିପୁର ବେଳାଭୂମି ମହୋତ୍ସବକୁ କରୋନା ମହାମାରୀ ଦୃଷ୍ଟିରୁ ବିଧିପୁର୍ବକ ଏକ ଆଲୋଚନା ଚକ୍ର ମାଧ୍ୟମରେ ପାଳନ କରିବାକୁ ନିଷ୍ପତ୍ତି ନିଆଗଲା । ସେହିଦୃଷ୍ଟିରୁ ଅଗଷ୍ଟ ୨୯ ତାରିଖ ପୂର୍ବାହ୍ନ ୧୦ଟାରୁ ଆରମ୍ଭ କରାଯାଇ ମଧ୍ୟାହ୍ନରେ ସମାପନ ହେବ ବୋଲି ସ୍ଥିର ହେଲ । 'ପର୍ଯ୍ୟଟନ ବିକାଶରେ କରୋନା ମହାମାରୀର ପ୍ରଭାବ' ଶୀର୍ଷକ ବିଷୟରେ ଆଲୋଚନା ପାଇଁ ଜିଲ୍ଲାର ସମସ୍ତ ଗଣମାଧ୍ୟମର ମୁଖ୍ୟ ମାନଙ୍କୁ ଏବଂ ଜିଲ୍ଲା ପ୍ରଶାସନର ସାହାଯ୍ୟରେ କରୋନା ମହାମାରୀର ବିଧିବ୍ୟବସ୍ଥା ମଧ୍ୟରେ ସୀମିତ ସଂଖ୍ୟାରେ ଚାନ୍ଦିପୁର ଠାରେ ଅନୁଷ୍ଠିତ ହେବ ବୋଲି ସ୍ଥିର ହେଲା । ପ୍ରଥମେ ବାଲେଶ୍ୱର ପୁର୍ବତନ ବିଧାୟକ ଅରୁଣ ଦେ' ଏବଂ ଶିଳ୍ପପତି ହିମାଂଶୁ ଦାସଙ୍କ ବିୟୋଗରେ ଏକ ଶୋକ ପ୍ରସ୍ତାବ ଗ୍ରହଣ କରାଗଲା ଏବଂ ସେମାନଙ୍କର ବେଳାଭୂମି ମହୋତ୍ସବ ପ୍ରତି ଅବଦାନର ସ୍ମୃତି ଚାରଣ କରାଯାଇଥିଲା । ଏଥିପାଇଁ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ବିଧିବଦ୍ଧ ଭାବରେ ଜଣାଇବା ପାଇଁ ସ୍ଥିର ହେଲା । ଅତିରିକ୍ତ ସାଧାରଣ ସଂପାଦକ ଭାବଗ୍ରାହୀ ମହାନ୍ତି ଆସନ୍ତା ୨୪ତମ ମହୋତ୍ସବ ବିଷୟରେ ଆଲୋକପାତ କରିଥିଲେ । ସଂପାଦକ କିଶୋର ଚନ୍ଦ୍ର ଦାସ ସଂପାଦକ ଭାଗବତ ସାହୁ, ସଂପାଦକ ସମରେନ୍ଦ୍ର ନାଥ ଦାସ, କୋଷାଧକ୍ଷ ତଥା ବସ୍ ମାଲିକ ଆସୋସିଏସନର ସଭାପତି ମାଧବାନନ୍ଦ ମିଶ୍ର ଏବଂ ସହ ସଂପାଦକ ଇଂ. ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସଂପାଦକ ସମରେନ୍ଦ୍ର ନାଥ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ଗିରଫ ଦୁଇ ଲୁଟେରା କୋର୍ଟଚାଲାଣ

ବସ୍ତା,୦୮/୦୮ (ନି.ପ୍ର): ବସ୍ତାଥାନା ଅମର୍ଦାଫାଣ୍ଡି ଅନ୍ତର୍ଗତ ବାଇଗଣବାଡିଆ ନିକଟରୁ ପୋଲିସ ରବିବାର ଦୁଇଜଣ ଲୁଟଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଇଡ଼ିଦା ଗ୍ରାମର ମନୋରଞ୍ଜନ ଦାସ ଓ ସାହାଡ଼ା ଗ୍ରାମର ଜାକିର ଖାଁ। ଏହି ଦୁଇଜଣ ଲୁଟେରା ନିଶାଗ୍ରସ୍ତ ଅବସ୍ଥାରେ ଲୋକଙ୍କୁ ମାରପିଟ କରିବା ସହିତ ପଥଚାରିମାନଙ୍କୁ ଧମକାଇ ଲୁଟ କରୁଥିଲେ। ଖବରପାଇ ପୋଲିସ ସେଠାରେ ସଦଳେବଳେ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲା । ଏନେଇ ଥାନାରେ ଏକ ମାମଲା ନମ୍ବର ୨୨୬/୨୧ ରୁଜୁକରି ପୋଲିସ ଗିରଫଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି । ଜାମିନନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲହକ୍ଷଜତକୁ ପଠାଯାଇଛି ।

ବଜ୍ରାଘାତରେ ପୋଟଳ ଚାଷୀ ମୃତ
ଚାଷୀ ମହଲରେ ଆଲୋଡନ

ଜଳେଶ୍ୱର ୮/୮(ନିପ୍ର): ଆଜି ଅପରାହ୍ନରେ ବର୍ଷା ସହିତ ଘନ ଘନ ବଜ୍ରାଘାତ ହେବାରୁ ବିଲରେ ପୋଟଳ ତୋଳୁଥିବା ଜଣେ ଚାଷୀର ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ଆସନ୍ତା କାଲି ସୋମବାର ଜଳେଶ୍ୱରରେ ସାପ୍ତାହିତ ହାଟ ଥିବାରୁ ରାୟାଁରାମଚନ୍ଦ୍ରପୁର ପଂଚାୟତର ଏକତାଳି ଗାଁ ଗଜେନ୍ଦ୍ର ସାହୁଙ୍କ ପୁଅ ଭଗିରଥ ସାହୁ(୫୨) ପୋଟଳ ତୋଳିବାକୁ ଯାଇଥିଲେ । ନିଜ ବାଡିରେ ପୋଟଳ ତୋଳୁଥିବା ବେଳେ କଳାହାଣ୍ଡିଆ ମେଘ ମାଡି ଆସିଥିଲା । କିନ୍ତୁ ହଠାତ୍ ବଜ୍ରାଘାତ ହେବାରୁ ସେ ତଳେ ପଡି ଯାଇଥିଲେ । କିଛି ସମୟପରେ ପରିବାର ଲୋକେ ଖୋଜାଖୋଜି କରି ପୋଟଳ ବାଡିରୁ ତାଙ୍କୁ ପାଇଥିଲେ । ବଜ୍ରାଘାତରେ ତାଙ୍କ ଦେହର ବିଭିନ୍ନ ସ୍ଥାନ ପୋଡି ଯାଇଛି । ପେଟରୁ ରକ୍ତସ୍ରାବ ହେଉଥିବା ଦେଖିବାକୁ ମିଳିଛି । ଜଳେଶ୍ୱରରୁ ଆମ୍ବୁଲାନ୍ସ ଡକାଇ ସଂଧ୍ୟାରେ ଜିକେଭଟ୍ଟର ହସ୍‌ପିଟାଲକୁ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ଗତ ଶନିବାର ଜଳେଶ୍ୱର ଅଂଚଳରେ ବଜ୍ରାଘାତ ଘଟି ୨ଜଣ ମହିଳା ଓ ୨ ଶିଶୁ ବିଲକୁ ଯାଇଥିବା ବେଳେ ଭିନ୍ନ ଭିନ୍ନ ଘଟଣାରେ ବଜ୍ରାଘାତରେ ମୃତ୍ୟୁବରଣ କରିଥିବା ବେଳେ ଆଜିର ଏହି ଘଟଣା କୃଷକ ଓ ଶ୍ରମଜିବୀଙ୍କ ମଧ୍ୟରେ ଆତଙ୍କ ଖେଳାଇ ଦେଇଛି । ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଅଗଷ୍ଟ ୧୫ରୁ ଆରମ୍ଭ ହେବ....

ହସପିଟାଲକୁ ଯୋଡି ଦିଆଯାଇଛି । କ୍ୟାସଲେସ୍ ସ୍ୱାସ୍ଥ୍ୟ ସେବା ପାଇଁ ସରକାରୀ ହସପିଟାଲରେ କୌଣସି କାଗଜପତ୍ର ଆବଶ୍ୟକ ପଡିବ ନାହିଁ । ତାଲିକାଭୁକ୍ତ ହୋଇଥିବା ଘରୋଇ ହସପିଟାଲରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ କାର୍ଡ କିମ୍ୱା ନାସନାଲ ଫୁଡ ସିକ୍ୟୁରିଟି ଆକ୍ଟ କାର୍ଡ କିମ୍ୱା ଷ୍ଟେଟ ଫୁଡ ସିକ୍ୟୁରିଟି ଆକ୍ଟ କାର୍ଡ ଦେବାକୁ ପଡିବ । ୨୦୧୮ ଅଗଷ୍ଟ ୧୫ ତାରିଖରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆରମ୍ଭ ହୋଇଥିଲା । ଏହି ଯୋଜନାରେ ସରକାରୀ ହସପିଟାଲରେ ସମସ୍ତଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଥିବା ବେଳେ ଅନ୍ୟ ହିତାଧିକାରୀ ପରିବାରକୁ ବର୍ଷକୁ ୫ ଲକ୍ଷ ଟଙ୍କାର ମାଗଣା ସ୍ୱାସ୍ଥ୍ୟ ବୀମା ଯୋଜନା ଏବଂ ମହିଳା ସଦସ୍ୟଙ୍କୁ ୧୦ ଲକ୍ଷ ଟଙ୍କାର ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି ।

ବନ୍ୟାରେ ବେହାଲ ରାଜସ୍ଥାନ : ୧୩ରୁ ....

ହେଲିକପ୍ଟର ଜରିଆରେ ଆକାଶମାର୍ଗରୁ ବନ୍ୟା ସ୍ଥିତି ଦେଖିଛନ୍ତି । ଚାଷ ବିଲରେ ବନ୍ୟା ପାଣି ମାଡି ଯାଇଛି । ଅନେକ ଗାଁରେ ବନ୍ୟା ପାଣି ପଶି ଯାଇଥିବା ଦେଖିବାକୁ ମିଳିଛି । ଆକାଶ ମାର୍ଗରୁ ବନ୍ୟା ସ୍ଥିତି ପରଖିବା ପରେ ବୋଟ୍ରେ ବସି ବନ୍ୟା ପ୍ରଭାବିତଙ୍କ ପାଖରେ ପହଁଚିଛନ୍ତି ଓମ୍ ବିର୍ଲା । ଉତର ପ୍ରଦେଶରେ ଲଗାଣ ବର୍ଷା ପାଇଁ ଗଙ୍ଗା ଓ ଯମୁନାରେ ବନ୍ୟା ପରିସ୍ଥିତି ଦେଖିବାକୁ ମିଳିଛି । ଫଳରେ ସ୍ଥାନୀୟ ଅଂଚଳ ଜଳମଗ୍ନ ହୋଇଛି । ପ୍ରୟାଗରାଜରେ ବନ୍ୟାରେ ପ୍ରଭାବିତ ହୋଇଛି । ସହର ଭିତରେ ପାଣି ପସି ଯିବାରୁ ସାଧାରଣ ଲୋକେ ଅସ୍ତବ୍ୟସ୍ତ ହୋଇ ପଡିଛି । ମୌସୁମି ଜନିତ ବର୍ଷା ପାଇଁ ଉତରପ୍ରଦେଶ, ମଧ୍ୟ ପ୍ରଦେଶ, ରାଜସ୍ଥାନ ସମେତ ବିହାର ଓ ପଶ୍ଚିମବଙ୍ଗରେ ବନ୍ୟା ସୃଷ୍ଟି ହୋଇଛି । ଆଉ ଉଦ୍ଧାର କାର୍ଯ୍ୟ ପାଇଁ ଏନଡିଆରଏଫ ଟିମ୍ ନିୟୋଜିତ ହୋଇଛି ।

ପୁଣେରେ ଲକ୍‌ଡାଉନ କଟକଣା କୋହଳ ହେଲା

ମୁମ୍ବାଇ,୦୮/୦୮ (ନି.ପ୍ର): ମହାରାଷ୍ଟ୍ରର ଉପ ମୁଖ୍ୟମନ୍ତ୍ରୀ ଅଜିତ ପାୱାର କହିଛନ୍ତି ଯେ, ପୁଣେରେ ସଂକ୍ରମିତ କରୋନା ସଂଖ୍ୟା ହ୍ରାସ ହେତ ଲକ୍‌ଡାଉନ କଟକଣାକୁ କୋହଳ କରିବାକୁ ନଷ୍ପତି ନିଆଯାଇଛି । ସେ କହିଛନ୍ତି ଯେ, ଯଦି କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼େ ତେବେ ଢ଼ିଲାପଣ ବନ୍ଦ କରିଦିଆଯିବ । ଉପମୁଖ୍ୟମନ୍ତ୍ରୀ ପାୱାରଙ୍କ ଅଧ୍ୟକ୍ଷତାରେ ରବିବାର ଦିନ ପୁଣେରେ ଜନ ପ୍ରତିନିଧି ତଥା ଅଧିକାରୀଙ୍କ ଏକ ବୈଠକ ଆୟୋଜିତ ହୋଇଥିଲା । ଏହି ବୈଠକରେ କରୋନା ନିୟମ ଅନୁଯାୟୀ ସକାଳ ୭ ଟାରୁ ରାତି ୮ଟା ପର୍ଯ୍ୟନ୍ତ ସମସ୍ତ ଦୋକାନ ଏବଂ ମଲ୍ ଖୋଲା ରଖିବାକୁ ନିଷ୍ପତି ନିଆଯାଇଛି । କେବଳ ସେହି ଲୋକମାନଙ୍କୁ ଯେଉଁମାନେ ଉଭୟ କରୋନା ଟୀକା ପାଇଛନ୍ତି ସେମାନଙ୍କୁ ପ୍ରବେଶ କରିବାକୁ ଅନୁମତି ଦିଆଯିବ । ସେହିଭଳି ହୋଟେଲ ଗୁଡ଼ିକ ରାତି ୧୦ଟା ପର୍ଯ୍ୟନ୍ତ ଖୋଲା ରହିବ। ପୁଣେର ଗ୍ରାମାଂଚଳରେ ମଧ୍ୟ ଏହି ଅନୁମତି ଜାରି ରଖିବାକୁ ନିଷ୍ପତି ନିଆଯାଇଛି । ପୁଣେ ମ୍ୟୁନିସିପାଲିଟି କର୍ପୋରେସନ ମେୟର ମୂରଲିଧର ମୋହଲ କହିଛନ୍ତି ଯେ, ଗତ ସପ୍ତାହାରୁ ଏଠାରେ ବ୍ୟବସାୟୀମାନେ ବଜାର ସମ୍ପୂର୍ଣ ଖୋଲିବାକୁ ଦାବି କରିଥିଲେ । ଏହି କାରଣରୁ ଦୋକାନ ଖୋଲିବାକୁ ନିଷ୍ପତି ନିଆଯାଇଛି, କିନ୍ତୁ ସମସ୍ତ ବ୍ୟବସାୟୀଙ୍କ ପାଇଁ କରୋନା ନିୟମ ପାଳନ କରିବା ବାଧ୍ୟତାମୂଳକ ଅଟେ ।

କରୋନାରୁ ସୁସ୍ଥ ହେଲେ ଆଉ ୧୪୬୩

ଭୁବନେଶ୍ୱର,୦୮/୦୮ (ନି.ପ୍ର): ରାଜ୍ୟରେ ଆଜି କରୋନା ଭାଇରସ ସଂକ୍ରମଣରୁ ୧୪୬୩ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୯ ଲକ୍ଷ ୬୯ ହଜାର ୯୧୬ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୪୫୧ ଜଣ ଓ କଟକ ଜିଲ୍ଲାରୁ ୧୮୯ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ପୁରୀରୁ ୧୦୯, ବାଲେଶ୍ୱରରୁ ୯୨, ଯାଜପୁରରୁ ୭୮, ଜଗତସିଂହପୁରରୁ ୬୬, ଅନୁଗୁଳରୁ ୪୮, ଭଦ୍ରକରୁ ୪୨, କେନ୍ଦ୍ରାପଡ଼ା ଓ ମୟୂରଭଂଜରୁ ୪୧ରୁ ଲେଖାଏଁ ଓ ଢେଙ୍କାନାଳରୁ ୩୩ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ସେହିପରି ନୟାଗଡ଼ରୁ ୨୯, ସୁନ୍ଦରଗଡ଼ରୁ ୨୨, ରାୟଗଡ଼ାରୁ ୧୬ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

କରୋନାରେ ଶିକ୍ଷକ ମୃତ : ଗାଁରେ ଶୋକାଭିଭୂତ ପରିବେଶ

ଜଳେଶ୍ୱର,୦୮/୦୮ (ନି.ପ୍ର): ନଛିମପୁର ପଂଚାୟତର ଯୁକାପାଟଣାସ୍ଥିତ ଲୋକନାଥ ମଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକଭାବେ ରାଜକିଶୋର ମହାନ୍ତି କାର୍ଯ୍ୟ କରି ଆସୁଥିଲେ । ତାଙ୍କ ଦୀର୍ଘଦିନ ଧରି ଡାଇବେଟିସ୍ ଥିବା ବେଳେ ଗତ କିଛିଦିନ ତଳେ ସେ କରୋନାରେ ଆକ୍ରାନ୍ତ ହୋଇଥିଲେ । ଭୁବନେଶ୍ୱରର ଆମ୍ରି ହସ୍‌ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଗତ ଶନିବାର ରାତି ୨.୫୦ରେ ତାଙ୍କର

ମୃତ୍ୟୁ ଘଟିଛି। ଆଜି ଦିନ ୧୨ଟାରେ ଭୁବନେଶ୍ୱର ବିଏମ୍‌ସିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ଘଟଣାସ୍ଥଳରେ ତାଙ୍କର ଦୁଇ ଭାଇ ଉପସ୍ଥିତ ଥିଲେ। ଘଟଣା ଜଣାଯିବାପରେ ଜଳେଶ୍ୱର ଓଷ୍ଟାର ସଭାପତି ସୁକୁମାର ମିଶ୍ର, ସଂପାଦକ ଡ. ଅଜିତ୍ ମହାନ୍ତି, ପ୍ରଦୀପ ଜେନା, ପ୍ରତିମା ଜେନା, ସଂଜିବ ଦାସ, ବସନ୍ତ ଜେନା, ସରପଂଚ ଦିପାଳୀ ଜେନା, ରାଜୀବ ଜେନା, ରବିନ୍ଦ୍ର ଦାସ, ସୁଦାମ ପାତ୍ର, ଅକ୍ଷୟ ଜେନାଙ୍କ ସହିତ ବହୁ ବ୍ୟକ୍ତି ଶୋକବକ୍ତ କରିଛନ୍ତି ।

କୋବିଡ ଗାଇଡଲାଇନ ଉଲ୍ଲଂଘନ : ୨୧ ଗିରଫ

ଭୁବନେଶ୍ୱର,୦୮/୦୮ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୧ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୬୬୫ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୨,୫୬,୦୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

ରାଜଧାନୀରେ ୨୪ ଘଂଟାରେ ୨୬୪ ପଜିଟିଭ୍

ଭୁବନେଶ୍ୱର,୦୮/୦୮ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ରବିବାର ଦିନ ଆଉ ୨୬୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ୫୧ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୨୧୩ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୨୩୧ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ଚନ୍ଦ୍ରଶେଖରପୁରରୁ ସର୍ବାଧିକ ୧୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଖଣ୍ଡଗିରି ଓ ଓଲ୍ଡଟାଉନ୍ ରୁ ୧୪ ଜଣ ଲେଖାଏଁ , ପଟିଆରୁ ୧୩ ଜଣ , ଲକ୍ଷ୍ମୀସାଗର, ନୟାପଲ୍ଲୀ ଓ ଝାରପଡାରୁ ୧୦ ଜଣ ଲେଖାଏଁ, ପାତ୍ରପଡା ଓ ମଂଚେଶ୍ୱରରୁ ୮ ଜଣ ଲେଖାଏଁ,ଡୁମଡୁମା , କଳିଙ୍ଗ ନଗରରୁ ୭ ଜଣ ଲେଖାଏଁ , ଜୟଦେବବିହାର, ସତ୍ୟନଗର ଓ ଗଜପତିନଗରରୁ ୫ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୨୦୬୧ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୯୮୩୦୫ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୨୮୨୪ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୯୧୧ କୁ ବୃଦ୍ଧି ପାଇଛି।

ହସପିଟାଲରେ ବିକଳ୍ପ ବିଦ୍ୟୁତ ବ୍ୟବସ୍ଥା ଚାଲୁ କରିବାକୁ ଦାବିପତ୍ର

ବାରିପଦା,୦୮/୦୮ (ନି.ପ୍ର): ମୟୁରଭଞ୍ଜ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଜିଲ୍ଲା ସଭାପତି ଧରମରାଜ ହାଁସଦାଙ୍କ ନେତୃତ୍ୱରେ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସପିଟାଲର ବିଭିନ୍ନ ସମସ୍ୟା ଆଧାରିତ ଏକ ଦାବୀପତ୍ର ଜିଲ୍ଲା ପ୍ରସାଶନକୁ ଜିଲ୍ଲା ଜରୁରୀ କାଳୀନଆଧିକାରୀ ତଥା ଡେପୁଟୀ କଲେକ୍ଟର ସୁଜୟ କୁମାର ପତିଙ୍କୁ ପ୍ରଦାନ କରା ଯାଇଛି । ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ ରେ ବିଦ୍ୟୁତ ଚାଲିଗଲା ପରେ ହସ୍ପିଟାଲ ପକ୍ଷରୁ ଜେନେରେଟର

ଚଳାଇବାର ବ୍ୟବସ୍ଥା ଥିଲେ ମଧ୍ୟ ଚଲା ଯାଉ ନାହିଁ । ବାରମ୍ବାର ବିଦ୍ୟୁତ କଟ ହେଉଥିବାରୁ ଗୁରୁତର ରୋଗୀ ମାନେ ବହୁ ହଇରାଣ ହେବା ସହ ବିଭିନ୍ନ ପ୍ରକାର ପରୀକ୍ଷଣ ଆଦି ରେ ବ୍ୟାଘାତ ସୃଷ୍ଟି ହେଉଛି । ଏନେଇ ସଂଗଠନ ତରଫରୁ ବହୁବାର ହସ୍ପିଟାଲ କତୃପକ୍ଷଙ୍କ ନିକଟରେ ଅଭିଯୋଗ କରା ଯାଇଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ । ଏଣୁ ବିଦ୍ୟୁତ ଗଲେ ବିକଳ୍ପ ବିଦ୍ୟୁତ ବ୍ୟବସ୍ଥା କରିବାକୁ ଦାବୀ କରା ଯାଇଛି । ଏହି ପ୍ରତିନିଧି ଦଳରେ ଶ୍ରୀ ହାଁସଦା ଙ୍କ ସମେତ ଉପସଭାପତି ଚନ୍ଦନ ସିଂ, କପ୍ତିପଦା ଉପଖଣ୍ଡ ସମ୍ପାଦକ ବିକାଶ ଦଳେଇ, ଜଗନ୍ନାଥ ମହାନ୍ତ, ଭବାନୀ ମହାନ୍ତ. ପ୍ରମୁଖ ଉପସ୍ଥିତ ଥିଲେ ।

ବାରିପଦା ଜଗନ୍ନାଥ ମନ୍ଦିର ଉନ୍ନତିକରଣ କାର୍ଯ୍ୟ ପ୍ରସଙ୍ଗ
ନିମ୍ନମାନର କାର୍ଯ୍ୟ ଅଭିଯୋଗରେ କାର୍ଯ୍ୟବନ୍ଦ କଲେ ମଠ ମନ୍ଦିର ସୁରକ୍ଷା ସମିତିର ସଦସ୍ୟ

ବାରିପଦା,୦୮/୦୮ (ନି.ପ୍ର): ୨ୟ ଶ୍ରୀକ୍ଷେତ୍ର ଭାବରେ ପରିଚିତ ବାରିପଦାର ଶ୍ରୀଶ୍ରୀ ହରିବଳଦେବ ଜୀଉ ମହାପ୍ରଭୁ ବିଜେଙ୍କ ମନ୍ଦିରର ଉନ୍ନତି କରଣ ପାଇଁ ବହୁବାର ଦାବୀ ପରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ମନ୍ଦିରର ଉନ୍ନତିକରଣ ପାଇଁ ୫ କୋଟି ଟଙ୍କାର ସହାୟତା ରାଶି ମିଳିଛି । ଏବେ ମନ୍ଦିରର ଉନ୍ନତି କରଣ ତଥା ସଜ୍ଜିକରଣ କାର୍ଯ୍ୟ ମଧ୍ୟ ଚାଲିଛି । ତେବେ ଏହି ଉନ

ବାଲେଶ୍ୱର ସୋମବାର, ୦୯ ଅଗଷ୍ଟ, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଗୋଟିଏ ଦିନରେ ୧୨୪୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୮/୦୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୨୪୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୮୭୦୭୦ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୯୬୮୪୫୩ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୨୧୨୯ ରହିଛି । ଆଜି ଚିହ୍ନଟ ହୋଇଥିବା ୧୦୯୬ ଜଣଙ୍କ ମଧ୍ୟରୁ ୬୧୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୫୨୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୩୯୯ ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୫୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୪୯ ଜଣ, ବରଗଡ଼ରୁ ୯ ଜଣ, ଭଦ୍ରକରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୪, କଟକରୁ ୧୭୭, ଦେବଗଡ ଜିଲ୍ଲାରୁ ୧ ଜଣ, ଢେଙ୍କାନାଳ ଜିଲ୍ଲାରୁ ୨୯ ଜଣ, ଗଜପତି ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଞ୍ଜାମରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୮୮ ଜଣ, ଯାଜପୁରରୁ ୫୦ ଜଣ, ଝାରସୁଗୁଡ଼ାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଳାହାଣ୍ଡିରୁ ୨ ଜଣ, କନ୍ଧମାଳ ଜିଲ୍ଲାରୁ ୫ ଜଣ. କେନ୍ଦ୍ରାପଡ଼ାରୁ ୩୨ ଜଣ, କେନ୍ଦୁଝରରୁ ୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧାରୁ ୩୯୯ ଜଣ, କୋରାପୁଟରୁ ଜଣେ ହେଲେ ସଂକ୍ରମିତ ହୋଇ ନାହାନ୍ତି । ମାଲକାନଗିରି ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

ମହାପ୍ରଭୁ ପିନ୍ଧିଲେ ରତ୍ନ ଖଚିତ ଚିତା

ପୁରୀ,୦୮/୦୮ (ନି.ପ୍ର): ଶ୍ରାବଣ ଅମାବାସ୍ୟା ତିଥିରେ ଆଜି ଦଇତାପତି ସେବକମାନେ ପ୍ରଭୁ ବଳଭଦ୍ରଙ୍କୁ ନୀଳ, ଦେବୀ ସୁଭଦ୍ରାଙ୍କୁ ନାଲି ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଧଳାରଙ୍ଗର ହୀରା ଖଚିତ ଚିତା ପିନ୍ଧାଇଛନ୍ତି । ଚିତାଲାଗି ପରେ ମହାପ୍ରଭୁଙ୍କୁ ଚିତାଉ ପିଠା ଭୋଗ କରାଯାଇଛି । ମଇଲମ୍ ପରେ ପୁଷ୍ପାଳକମାନେ ରତ୍ନ ସିଂହାସନରୁ ଓହ୍ଲାଇ ଆସିବା ପରେ ଅପରାହ୍ନ ୨ଟା୨୫ରେ ଲକ୍ଷ୍ମୀ ଓ ସରସ୍ୱତୀଙ୍କୁ ଖଟ ଶେଯରେ ବିଜେ କରାଇଥିଲେ । ଏହାପରେ ପାଳିଆ ଖୁଣ୍ଟିଆ ଚିତା ଲାଗି ପାଇଁ ଦଇତାପତି ସେବକମାନଙ୍କୁ ଡାକିଥିଲେ । ୨ଟା୪୦ରେ ବେହରଣ ଦ୍ୱାର ବନ୍ଦ କରାଯାଇଥିଲା । ଅପରାହ୍ନ ୨ଟା୪୫ରେ ତିନିବାଡର ବାଡଗ୍ରାହୀ ଦଇତା ଓ ପତି ମହାପାତ୍ରଙ୍କ ଚିତାଲାଗିକୁ ପ୍ରବେଶ କରିଥିଲେ । ଶୁଦ୍ଧ ସୁଆର ଦେଇଥିବା ଓଷ ଚିତାରେ ଲଗାଯାଇ ପାଟରା ବିଶୋଇ ଦେଇଥିବା ପାଟଡୋର ଚିତାରେ ବନ୍ଧା ଯାଇଥିଲା ଓ ପରେ ଶ୍ରୀବିଗ୍ରହଙ୍କ କପାଳରେ ଲାଗି କରାଯାଇଥିଲା । ଏହି ବିଧି ଅପରାହ୍ନ ୫ଟା୫ର ଶେଷ ହେବା ପରେ ପାଳିଆ ମେକାପଙ୍କ ଦ୍ୱାରା ଝରିରେ ପାଣି ନିଆଯାଇ ସିଂହାସନ ଉପର ଧୁଆଯାଇଥିଲା । ଶୁଦ୍ଧ ସୁଆର ତିନିବଢା ଦହି ଆଣି ମହାସ୍ନାନ ପୂଜାଠା କରିଥିଲେ । ସନ୍ଧ୍ୟା ୬ଟା ୩୦ ସୁଦ୍ଧା ପୂଜାପଣ୍ଡାଙ୍କ ଦ୍ୱାରା ମହାପ୍ରଭୁଙ୍କ ମହାସ୍ନାନ ନୀତି ସଂପନ୍ନ କରାଯାଇଥିଲା । ଭିତରେ ପାଣି ପଡି ଧୋ ପଖାଳ ହେବା ପରେ ପୁଷ୍ପାଳକମାନେ ଶ୍ରୀବିଗ୍ରହମାନଙ୍କୁ ମଇଲମ୍ କରିଥିଲେ । ଲକ୍ଷ୍ମୀ ଓ ସରସ୍ୱତୀଙ୍କୁ ସିଂହାସନରେ ବିଜେ କରାଯାଇଥିଲା । ଚିତାଲାଗି ଅମାବାସ୍ୟା ଅବସରରେ ପରମ୍ପରା ଅନୁଯାୟୀ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ନୀତି ସଂପନ୍ନ ହୋଇଛି ।

ଜିଲ୍ଲା କଂଗ୍ରେସ କମିଟିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

ପୌର-ପଞ୍ଚାୟତ ନିର୍ବାଚନ ପାଇଁ ସାଂଗଠନିକ ପ୍ରସ୍ତୁତି ଆରମ୍ଭ

ବାଲେଶ୍ୱର,୦୮/୦୮ (ନି.ପ୍ର): ଜିଲ୍ଲା କଂଗ୍ରେସ କମିଟିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ରାଜୀବ ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଜିଲା କଂଗ୍ରେସ କମିଟି ସଭାପତି ସଞ୍ଜୀବ ଗିରିଙ୍କ ଏଥିରେ ଅଧ୍ୟକ୍ଷତା କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଜିଲାସ୍ତରରେ ଦଳର ଆଗାମୀ କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ। ବାଲେଶ୍ୱର ସଂସଦୀୟ କ୍ଷେତ୍ର ନେତା ନବଜ୍ୟୋତି ପଟ୍ଟନାୟକ ଏଥିରେ ଯୋଗଦେଇ ଆସନ୍ତା ପୌର ଓ ପଞ୍ଚାୟତ ନିର୍ବାଚନ ପାଇଁ ତୃଣମୂଳସ୍ତରରୁ ଦଳୀୟ ସଂଗଠନ ମଜବୁତ କରିବା ଉପରେ ଗୁରୁତ୍ୱାରୋପ କରଇଥିଲେ। ଭଦ୍ରକ ସଂସଦୀୟ କ୍ଷେତ୍ର ନେତ୍ରୀ ମଧୁମିତା ପଣ୍ଡା ଏହି ବୈଠକରେ ଯୋଗଦେଇ ସାମ୍ପ୍ରତିକ ରାଜନୈତିକ ପରିସ୍ଥିତିରେ କଂଗ୍ରେସ କର୍ମୀଙ୍କୁ ଅଧିକ ସକ୍ରିୟ ହେବା ପାଇଁ ଆହ୍ୱାନ ଦେଇଥିଲେ । ଆସନ୍ତା ସେପ୍ଟେମ୍ବର ମାସ ୧୫ ତାରିଖ ସୁଦ୍ଧା ସମସ୍ତ ପଞ୍ଚାୟତ କମିଟି ଓ ବୁଥ କମିଟି ଗଠନ ସାଙ୍ଗକୁ ସାଂଗଠନିକ କାର୍ଯ୍ୟଧାରା ଜାରି ରଖିବାକୁ ଉପସ୍ଥିତ କର୍ମୀଙ୍କୁ ଏହି ବୈଠକରେ ନେତାମାନେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଯୁଧିଷ୍ଠିର ଜେନା, ପୂର୍ବତନ ବିଧାୟକ ଗୋପନାରାୟଣ ଦାସ, ଅକ୍ଷୟ ଆଚାର୍ଯ୍ୟ, ଚଉରଂଜନ ଷଡ଼ଙ୍ଗୀ, ସୁରେନ୍ଦ୍ର ପାରମାଣିକଙ୍କ ସମେତ ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ସୁଦର୍ଶନ ଦାସ, ମହିଳା କଂଗ୍ରେସ ରାଜ୍ୟ ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ଭୋଗରାଇ କଂଗ୍ରେସ ନେତା ସତ୍ୟଶିବ ଦାସ, ବସ୍ତା ନେତା ବିଜନ ନାୟକ, ସଦର ନେତ୍ରୀ ମମତା କୁଣ୍ଡୁ, ଜିଲା ଯୁବ କଂଗ୍ରେସ ସଭାପତି ରଂଜନ ଦାସ, ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ, ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଜ୍ଞାପାରମିତା ମହାନ୍ତି, ଆଇନ ପରାମର୍ଶ କମିଟି ସଭାପତି ସତ୍ୟସୁନ୍ଦର ଦାସ, କୃଷକ କମିଟି ସଭାପତି ନିରଞ୍ଜନ ବେହେରା, ଅଣସଂଗଠିତ ଶ୍ରମିକ କଂଗ୍ରେସ ସଭାପତି ବିକାଶ ଦାସ, ଶ୍ରମିକ କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ବେହେରା ପ୍ରମୁଖ ଏଥିରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସୁଧାଂଶୁ ଶେଖର ଜେନା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ବାଲେଶ୍ୱରର ବିଶିଷ୍ଟ ରାଜନେତା ତଥା ପୂର୍ବତନ ବିଧାୟକ ଦିବଂଗତ ଅରୁଣ ଦେଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା ସହ ସମେସ୍ତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ଦିନକରେ ଚିହ୍ନଟ ୪୯ କରୋନା ସଂକ୍ରମିତ

ଜିଲ୍ଲାରେ ୮,୮୩,୨୩୪ ପାନ ଛୁଇଁଲା ଟିକାକରଣ

ବାଲେଶ୍ୱର,୦୮/୦୮ (ନି.ପ୍ର): ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୪୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ବାଲେଶ୍ୱର ପୌରାଞ୍ଚଳରୁ୧୧ ଜଣ ଓ ବ୍ଲକ ଅଞ୍ଚଳରୁ ୩୮ ଜଣ ଅଛନ୍ତି। ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୮,୪୫୪ରେ ପହଞ୍ଚିଥିବା ବେଳେ ସୁସ୍ଥ ହୋଇଛନ୍ତି ୩୭,୫୦୯ଜଣ। ସଂକ୍ରମିତ ସୁସ୍ଥ ହୋଇଥିବା ସରକାରୀ ଭାବେ କୁହାଯାଇଛି। ତେବେ ଗତ ୨୪ଘଣ୍ଟା ମଧ୍ୟରେ ୮୫, ୬୫, ୫୦, ୪୫ ଓ ୪୨ ବର୍ଷର ୫ ଜଣ ପୁରୁଷ ଏବଂ ୬୫ବର୍ଷର ଜଣେ ମହିଳାଙ୍କୁ ମିଶାଇ ଛଅ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ସରକାରୀ ଭାବେ ଘୋଷଣା କରାଯାଇଛି। ଅଦ୍ୟାବଧି ଜିଲାର କରୋନା ଜନିତ ମୃତ୍ୟୁ ସଂଖ୍ୟା୨୧୩ରେ ପହଞ୍ଚିଥିବା ସରକାରୀ ୱେବସାଇଟରେ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଏବେ ସୁଦ୍ଧା ବାଲେଶ୍ୱର ଜିଲାରେ ଟିକାକରଣ ୮,୮୩,୨୩୪ ପାନ ଛୁଇଁଥିବା ସରକାରୀ ଭାବେ ଜଣାପଡ଼ିଛି। ତନ୍ମଧ୍ୟରୁ ୬,୨୮,୭୭୫ ଜଣ ପ୍ରଥମ ପାନ ଓ ୨,୫୪,୪୫୯ ଜଣ ଦ୍ୱିତୀୟ ପାନ ଟିକା ନେଇଛନ୍ତି।

୭୫ ତମ ସ୍ୱାଧୀନତା ଦିବସ ପାଳନ ପାଇଁ ଉଦଳା ପ୍ରେସ କ୍ଲବର ପ୍ରସ୍ତୁତି ବୈଠକ

ଉଦଳା,୦୮/୦୮ (ନି.ପ୍ର): ଚଳିତ ଅଗଷ୍ଟ ୧୫ ତାରିଖ ରବିବାର ଦିନ ୭୫ତମ ସ୍ୱାଧିନତା ଦିବସ ଉଦଳା ପ୍ରେସ କ୍ଲବ ତରଫରୁ କିପରି ପାଳିତ ହେବ ସେଥିପାଇଁ କ୍ଲବ ପରିସରରେ ଆଜି ଅଗଷ୍ଟ ୮ ତାରିଖ ରବିବାର ଦିନ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଉଦଳା ପ୍ରେସ କ୍ଲବର ସଭାପତି ଅରୁଣ ମହାନ୍ତି ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ପ୍ରସ୍ତୁତି ବୈଠକରେ ପ୍ରଥମେ ଜାପାନର ଟୋକିଓ ଠାରେ ଚାଲିଥିବା ୧୨୫ତମ ଅଲିମ୍ପିକ୍ସରେ ଭାରତର ଯେଉଁ ଖେଳାଳି ମାନେ ଅଂଶ ଗ୍ରହଣ କରି ଦେଶ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି ସେମାନଙ୍କୁ କୃତଜ୍ଞତା ଜଣାଇବା ସହିତ ସେମାନଙ୍କର ଦିର୍ଘ ଓ ନୀରାମୟ ଜୀବନ ଈଶ୍ୱରଙ୍କ ନିକଟରେ କାମନା କରିଥିଲେ । ବିଶେଷ କରି ନିରଜ ଚୋପ୍ରା ଜିଏକି ଭାରତ ପାର୍ଇ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତି ଦେଶ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି ତାଙ୍କ ବିଷୟରେ ବିସ୍ତୃତ ଆଲୋଚନା କରାଯିବା ସହ ଧନ୍ୟବାଦ ଜ୍ଞାପନ କରାଯାଇଥିଲା । ଏହାପରେ କ୍ଲବର ସମ୍ପାଦକ ଜଗବନ୍ଧୁ ପ୍ରଧାନ ୭୫ତମ ସ୍ୱାଧିନତା ଦିବସ ପାଳନ ପାଇଁ ହେବାକୁ ଥିବା କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇ ସମସ୍ତ ସଦସ୍ୟଙ୍କୁ ନିଜ ନିଜର ମତାମତ ଦେବା ପାଇଁ ଅନୁରୋଧ ଜଣାଇଥିଲେ । ସମସ୍ତେ ନିଜ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିସାରିବା ପରେ ଏହାର ଚୁଡ଼ାନ୍ତ ରୁପରେଖ ସମ୍ପାଦକ ଘୋଷଣା କରିଥିଲେ । କୋଭିଡ଼୍ ନିୟମ କାନୁନକୁ ମାନି ସମସ୍ତେ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବୈଠକରେ ନିଷ୍ପତି ହେଲା । ସୁରେଶ୍ୱର ଜେନା ବୈଠକର ଶେଷ-ସ୍ପର୍ଶ ଦେବା ପରେ ସଭାପତି ଏହାର ଯବନିକା ପକାଇଥିଲେ ।

ଅନୁସୂଚିତ ଜାତି-ଦଳିତଙ୍କ ଉପରେ ଅତ୍ୟାଚାରକୁ ନେଇ ଉଦ୍‌ବେଗ

ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କଲା ବିଜେପି

ବାଲେଶ୍ୱର,୦୮/୦୮ (ନି.ପ୍ର): ରାଜ୍ୟରେ ଅନୁସୂଚିତ ତଥା ଦଳିତ ବର୍ଗଙ୍କ ଉପରେ ହେଉଥିବା ଅତ୍ୟାଚାର ଘଟଣାକୁ ନେଇ ବିଜେପି ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦଳିତମାନଙ୍କ ଉପରେ ହେଉଥିବା ଶୋଷଣ ଉପରେ ରାଜ୍ୟ ସରକାର ଦୃଷ୍ଟି ନଦେଲେ ଆଗାମୀ ଦିନରେ ଦଳ ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଆୟୋଜିତ ସମ୍ବାଦିକ ସମ୍ମିଳନୀରେ ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚାର ରାଜ୍ୟ ଉପ-ସଭାପତି ତଥା ବିଧାୟକ ସନାତନ ବିଜୁଳି ଚେତାବନୀ ଦେଇଛନ୍ତି। ଜିଲା ବିଜେପି କାର୍ଯ୍ୟାଳୟରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଶ୍ରୀ ବିଜୁଳି ରାଜ୍ୟ ଶାସକ ଦଳର ସ୍ୱେଚ୍ଛାଚାରୀ ଶାସନକୁ ଦାୟୀ କରିଛନ୍ତି। ସରକାରଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଅଭାବରୁ ଅନୁସୂଚିତ ଜାତି ଓ ଉପଜାତି ବର୍ଗର ଲୋକଙ୍କୁ ନିର୍ଯ୍ୟାତନା ଦିଆଯାଉଛି ବୋଲି ସେ ଆରୋପ କରିଛନ୍ତି। ବିଶେଷ କରି ରାଜ୍ୟରେ ହେଉଥିବା ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରୁଥିବା ଦଳିତ ବ୍ୟକ୍ତିଙ୍କ ଉପରେ କ୍ଷମତାସୀନ ଶାସକ ଦଳର ନେତାଙ୍କ ଇଙ୍ଗିତରେ ଆକ୍ରମଣ ହେଉଥିବା ଶ୍ରୀ ବିଜୁଳି କହିଛନ୍ତି। ବିଶେଷ କରି ସାମ୍ପ୍ରତିକ ସ୍ଥିତିରେ ଆବାସ ହିତାଧିକାରୀ ବଣ୍ଟନରେ ହୋଇଥିବା ଘୋଟାଲା ସମ୍ପର୍କରେ ସ୍ୱର ଉତ୍ତୋଳନ କରୁଥିବା ଦଳିତ ବର୍ଗଙ୍କ ଉପରେ ଅତ୍ୟାଚାର କ୍ରମଶଃ ବଢ଼ି ଚାଲିଛି ବୋଲି ସେ ଅଭିଯୋଗ କରିଛନ୍ତି। କେବଳ କେନ୍ଦ୍ରପଡ଼ା ବା ଜଗତସିଂପୁର ନୁହେଁ ବରଂ ସମଗ୍ର ରାଜ୍ୟରେ ଶାସକଦଳର ଏହି ଦମନ ଲୀଳା ଚାଲିଛି ବୋଲି ସେ କହିଛନ୍ତି। ତୁରନ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ବିଜେପି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଶ୍ରୀ ବିଜୁଳି ଚେତାବନୀ ଦେଇଚନ୍ତି। ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ଅନୁସୂଚିତ ଜାତି ମୋର୍ଚ୍ଚା ଜିଲା ସଭାପତି ମୃତ୍ୟୁଞ୍ଜୟ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନୁସୂଚିତ ଜାତି ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ଗୋବିନ୍ଦ ଚନ୍ଦ୍ର ଦାସ, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଓ ଜିଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ ଉପସ୍ଥିତ ଥିଲେ।

ବିଭିନ୍ନ ସେବା କାର୍ଯ୍ୟକ୍ରମ ମାଧ୍ୟମରେ ସମାଜସେବୀଙ୍କୁ ଶ୍ରଦ୍ଧାଞ୍ଜଳି

ବାରିପଦା,୦୮/୦୮ (ନି.ପ୍ର): ବାରିପଦାର ଜଣେ ଉଚ୍ଚଶିକ୍ଷିତ ସ୍ୱେଚ୍ଛାସେବୀ ପୋଲିସ ପବ୍ଲିକ ପ୍ରେସ ସଂଗଠନର ଜିଲ୍ଲା ସମ୍ପାଦକ ରାଜେସ ପରିଡାଙ୍କ କୋଭିଡରେ ଅକାଳ ମୃତ୍ୟୁ ଘଟିଥିବାରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପାଇଁ ଆଜି ସଂଗଠନର ସଦଶ୍ୟ ମାନେ ସଭାପତି ଅକ୍ଷୟ ମହାନ୍ତିଙ୍କ ନେତୃତ୍ୱରେ ବାରିପଦା ରୋଜ ମାନସିକ ଭିନ୍ନକ୍ଷମ ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟ ରେ ପିଲାଙ୍କୁ ସକାଳ ଜଳଖିଆ ସହିତ ମଧ୍ୟାହ୍ନ ଭୋଜନ ଖୁଆଇବା ସହିତ ସେମାନଙ୍କର ସେବା ଯତ୍ନ ମଧ୍ୟ କରିଥିଲେ । ଏହି ଅବସର ରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ସମାଜସେବୀ ବଳାଙ୍ଗୀ ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ ଯୋଗ ଦେଇ ନିଜନିଜ ସକ୍ଷମତା ଅନୁଯାୟୀ ସେବା କରିବାର ମନୋବୃତି ରହିଲେ ସମାଜରେ ସୁଧାର ଆସିପାରିବ ବୋଲି କହିଥିଲେ । ଅନ୍ୟ ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରେ ଶିକ୍ଷକ ସୋମନାଥ ସିଂହ, ସଞ୍ଜୀବ ସାହୁ, ବିମ୍ବାଧର ସାହୁ, ଅରୁଣ କୁମାର ପଣ୍ଡା, ତପନ କୁମାର ବାରିକ, ଶ୍ରୀକାନ୍ତ ରାଉତ, ଆଶିଷ ଚକ୍ରବର୍ତୀ, ସୁରତ ମଲ୍ଲିକ, ରମାକାନ୍ତ ରାଉତ, ଅଜୟ ବାରିକ ପ୍ରମୁଖ ବହୁ ସଦଶ୍ୟ ଯୋଗ ଦେଇ ଭିନ୍ନ କ୍ଷମ ପିଲାଙ୍କ ସେବା କରିବା ସହିତ ସ୍ୱର୍ଗତ ପରିଡାଙ୍କ ଫୋଟ ଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ଛାତ୍ର ଆନ୍ଦୋଳନ

ବାରିପଦା,୦୮/୦୮ (ନି.ପ୍ର): ବାରିପଦା ତକତପୁର ଠାରେ ଥିବା ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନରେ ଛାତ୍ର ମାନେ ଆନ୍ଦୋଳନକୁ ଓହ୍ଲାଇ ଥିବାର ଦେଖା ଯାଇଛି । ୨୦୧୭ ରୁ ୨୦୧୯ ଶିକ୍ଷା ବର୍ଷରେ ପାଠ ପଢି ବେକ ଲାଗିଥିବା ଶତାଧିକ ଛାତ୍ରଛାତ୍ରୀଙ୍କ ପୁନଃ ପରୀକ୍ଷା କରାଯାଇ ନଥିଲା । ଫଳରେ ଛାତ୍ରଛାତ୍ରୀ ଏ ବାବଦରେ ଅଧକ୍ଷଙ୍କ ପାଖରେ ଦାବୀ କରିଥିଲେ । ହେଲେ ଏ ବାବଦରେ କୌଣସି ପଦକ୍ଷେପ ନିଆ ନଯାଇ ଦୀର୍ଘ ୨ ବର୍ଷ ଧରି କଲେଜ ପକ୍ଷରୁ ତାରିଖ ଉପରେ ତାରିଖ ଦେଇ ଚାଲିଛନ୍ତି ବୋଲି ଅଭିଯୋଗ ହୋଇଛି । ବେକ ପେପର କ୍ଲିଅର ହେଉନଥିବା କାରଣରୁ କୌଣସି କାର୍ଯ୍ ?ଯ କ୍ଷେତ୍ରରେ କର୍ମ ନିଯୁକ୍ତି ପାଇପାରୁ ନାହାନ୍ତି । ତାଲିମ କେନ୍ଦ୍ର ଅବହେଳା କାରଣରୁ ସେମାନଙ୍କ ଭବିଷ୍ୟତ ଅନ୍ଧାର କୁ ଠେଲି ହୋଇ ଯାଉଥିବାର ଅଭିଯୋଗ କରିଛନ୍ତି ଆନ୍ଦୋଳନ ରତ ଛାତ୍ରମାନେ । ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣଷି ସୁଫଳ ନମିଳିବାରୁ ଆଜି ଛାତ୍ର ମାନେ ବାଧ ହୋଇ ଶିଳ୍ପ ତାଲିମ କେନ୍ଦ୍ରର ପ୍ରଶାସନିକ ବ୍ଲକକୁ ତାଲା ପକାଇବା ସହ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିବାର ଦେଖିବାକୁ ମିଳିଛି । ତେବେ ଯେତେ ପର୍ଯ୍ୟନ୍ତ ତାଙ୍କ ଦାବୀ ପୂରଣ ନହେଇଛି ସେତେ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରୀ ରଖିବେ ବୋଲି ଆନ୍ଦୋଳନ ରତ ଛାତ୍ର ମାନଙ୍କ ପକ୍ଷରୁ ଛାତ୍ର ଦେବେନ୍ଦ୍ର ରଣା ନିଜ ପ୍ରତିକ୍ରିୟାରେ କହିଛନ୍ତି ।

କୋରେକ୍ସ ଜବତ : ଯୁବକ ଗିରଫ

ପୁରୀ,୦୮/୦୮ (ନି.ପ୍ର):